ନଦୀୟା-ମାଧୁରୀ

ଚତୁର୍ଥ ଉଲ୍ଲାସ

ଦାଶରଥି ପୁସ୍ତକାଳୟ

ବାଲୁବଜାର, କଟକ-୨

Digitized by srujanika@gmail.com

ବାବାଜୀ ଶ୍ରୀ ବୈଷ୍ଣବ ଚରଣ ଦାସ ଗୋସ୍ୱାମୀଙ୍କ ବିରଚିତ

ନଦୀଆ-ମାଧୁରୀ

ଚତୁର୍ଥ ଉଲ୍ଲାସ

ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା ପ୍ରକାଶିତ

(ସମ୍ପୂର୍ଣ୍ଣ ଏକଶତ ଗୀତ)

ପରିବର୍ତ୍ତିତ ଓ ପରିବର୍ଦ୍ଧିତ

ଖ୍ରୀଷ୍ଟାବ୍ଦ ୧୯୬୦ ତୃତୀୟ ସଂସ୍କରଣ ଗୌରାବ୍ଦ ୪୭୪

— ପ୍ରାପ୍ତିସ୍ଥାନ —

ଦାଶରଥି ପୁସ୍ତକାଳୟ

ବାଲୁବଜାର କଟକ

[illegible]

[redacted] [redacted]

(ଶ୍ରୀ ଶ୍ରୀ ଗୁରୁ ଗୌର ସୁନ୍ଦର ଦେବୌ ଜୟତଃ)

ଭୂମିକା

ଅମଲ-କମଲ-ବକ୍ତ୍ରଂ ଗୌରପମ୍ଭୋଜ ନେତ୍ରଂ
ସୁମଧୁ ମଧୁର ହାସ୍ୟଂ ଶୁକ୍ଳ କନ୍ଦର୍ପ ବେଶଂ ।
ସୁରବର ମୁନି ବନ୍ଦ୍ୟଂ କୃଷ୍ଣ-ଚୈତନ୍ୟ ଚନ୍ଦ୍ରଂ
ଚଳନ୍ତି ନଟନ ଶକ୍ତ୍ୟଂ ତଂ ଭଜେ ପ୍ରେମମୂର୍ତ୍ତିଂ ।

ଶ୍ରୀ ଶ୍ରୀ ଗୁରୁ ଗୌରାଙ୍ଗଚନ୍ଦ୍ରଙ୍କ ଅସୀମ କରୁଣାରୁ "ନଦୀୟା ମାଧୁରୀ" ଚତୁର୍ଥୋଲ୍ଲାସ ପ୍ରକାଶିତ ହେଲା । କହିବା ବାହୁଲ୍ୟ, ଶ୍ରୀ ଗୌରସୁନ୍ଦର ଓ ଶ୍ରୀ ନିତ୍ୟାନନ୍ଦଚନ୍ଦ୍ରଙ୍କ ନାମ ଗୁଣାବଳୀ ଏହି ଗ୍ରନ୍ଥର ମୁଖ୍ୟ ପ୍ରତିପାଦ୍ୟ, ଇତି ପୂର୍ବେ ଅନ୍ୟ ପୁସ୍ତକ ଖଣ୍ଡି ଶ୍ରୀମାନ୍ ବାବୁ ଶ୍ରୀ ମୋହନ ଚରଣ ଦାସ (ମନମୋହନ ପ୍ରେସର ପ୍ରୋପ୍ରାଇଟର) ଅନୁମତି ନେଇ ପ୍ରଥମବାର ପ୍ରକାଶ କରିଥିଲେ । ବର୍ତ୍ତମାନ କଟକସ୍ଥ ଦାଶରଥି ପୁସ୍ତକାଳୟର ପ୍ରୋପ୍ରାଇଟର ଶ୍ରଦ୍ଧେୟ ବାବୁ ଶ୍ରୀ ଦାଶରଥି ଦାସ ଏଥିର ସମ୍ପୂର୍ଣ୍ଣ ସ୍ୱତ୍ୱ ଗ୍ରହଣ ପୂର୍ବକ ଦ୍ୱିତୀୟ ସଂସ୍କରଣଠାରୁ ମୁଦ୍ରଣ କରିବାରେ ଯତ୍ନବାନ୍ ହେବେ । ପୂର୍ବ ପ୍ରକାଶିତ ପୁସ୍ତକରେ ଥିବା ଗୀତ ଅପେକ୍ଷା ଏ ସଂସ୍କରଣରେ ଅଧିକ ଗୀତ ରଖାଯାଇ ସମ୍ପୂର୍ଣ୍ଣ କରାଗଲା । ଗୀତ ସଂଖ୍ୟା ୧୦୦ (ଏକଶତ) ଅଟେ । ଆଗ ଅପେକ୍ଷା ଏହି ସଂସ୍କରଣରେ ଏ ଅଧମ ଯଥାସାଧ୍ୟ ପରିଶ୍ରମ ସହକାରେ ବର୍ଣ୍ଣମାଳା ଅନୁଯାୟୀ ସୂଚୀପତ୍ର ଉଲ୍ଲେଖ କରିଅଛି । ମହାଶୟ କୀର୍ତ୍ତନାନନ୍ଦୀ ଓ ବୈଷ୍ଣବମାନଙ୍କର ପୂର୍ବପରି ସମାଦର ହେବ ବୋଲି ମୋର ଆଶାଭରସା । ଇତି ।

ଶ୍ରୀଶ୍ରୀରାଧାଗୋବିନ୍ଦମଠ
ପୋ: କୋଟପାଡ଼ା, କଟକ
ଝୁଲଣ ପୂର୍ଣ୍ଣିମା ୧୯୪୮

ଗୌରଭକ୍ତବୃନ୍ଦଙ୍କ କୃପାଭିକ୍ଷୁ
ବାବାଜୀ
ଶ୍ରୀବୈଷ୍ଣବଚରଣ ଦାସଗୋସ୍ୱାମୀ

Digitized by srujanika@gmail.com

ଆତ୍ମ ନିବେଦନ

ମୋତେ ଯେତେବେଳେ ବାରବର୍ଷ ବୟସ ହୋଇଥିଲା ସେହି କୈଶୋର କାଳରୁ ଆଜ ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୌର-କୃଷ୍ଣଙ୍କ ନାମ ପ୍ରେମାମୃତ ରସ ଶ୍ରୀ ଶ୍ରୀ ଗୁରୁଦେବଙ୍କ କୃପାରୁ ଆସ୍ୱାଦନରେ ନିଜକୁ ଭାଗ୍ୟବାନ୍ ମନେ କରୁଅଛି । ପରମ ଭାଗବତୋତ୍ତମ ବୈଷ୍ଣବମାନଙ୍କ ଶ୍ରୀଚରଣରଜ ଆଶ୍ରୟ କରି ଯାହା ଯାହା ସଂଗୀତ ମଧ୍ୟରେ ଲେଖି ପକାଇଛି ତାହା କେବଳ ସେହି ସାଧୁ ବୃନ୍ଦଙ୍କ କରୁଣାର ଚିହ୍ନମାତ୍ର, ଶ୍ରୀ ଶ୍ରୀ ବ୍ରଜଧାମ ଓ ଶ୍ରୀ ଶ୍ରୀ ନବଦ୍ୱୀପ ଏବଂ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ନିବାସୀ ମହାନ୍ତ ଅଧିକାରୀ-ଗଣଙ୍କ ଧନ୍ୟବାଦରେ ଏ ଅଧମ ସେ ଯୋଗ୍ୟ ନୁହେଁ ବୋଲି ନିଜେ ନିଜେ ଲଜ୍ଜିତ । ଯେଉଁ ସିଦ୍ଧ ସାଧୁମାନେ ଉତ୍କଳଭାଷାରେ ଗୌର ଗୁଣାବଳୀ ଲେଖିବାକୁ ମୋତେ ଉତ୍ସାହିତ କରିଅଛନ୍ତି ସେମାନଙ୍କ ନିକଟରେ ମୁଁ ଚିରଋଣୀ ହୋଇ ପଡ଼ିଅଛି । ଏହି ଋଣ ଅପରିଶୋଧ । ଏପରି ସ୍ଥଳେ ଗୌରଭକ୍ତ-ମଣ୍ଡଳୀ ଯାହାତ ଦେଖାଇବେ ତାହା ସେମାନଙ୍କର ଆଶୀର୍ବାଦ ବୋଲି ମନେ କରେ । ଅଳଂ. ଉତ୍କଳୀୟ ଖାଁଈନାନଦୀସମ୍ପ୍ରଦାୟଙ୍କ ପାଶରେ ଚିରକୃତଜ୍ଞ ରହିଲି; ବିସ୍ତରେଣାଳମିତି ।

ଗ୍ରନ୍ଥକାର ।

ଉତ୍ସର୍ଗ

ଯେଉଁ

ଦୟାର୍ଦ୍ରହୃଦୟ

ଭଜନାନନ୍ଦୀ ଗୌରଭକ୍ତଟବିଷ୍ଟୁର-

ବୃନ୍ଦଙ୍କ ଅଗ୍ରଜ ଓଁ ଜଗଦ୍‌ଗୁରୁ ଶ୍ରୀ ଶ୍ରୀ ଗୌରାଙ୍ଗସୁନ୍ଦର ଓଁ

ନିତାଇସୁନ୍ଦରଙ୍କ ଲୀଳାବଳୀ ଲେଖିବାରେ ଏ ଦୀନହୀନ

ଅକିଞ୍ଚନ ସମର୍ଥ ହୋଇଅଛି; ସେହି କୃପାଳୁ ଭକ୍ତ ସାଧୁସନ୍ଥମାନଙ୍କ

ସୁରଭିତ ପଦପଙ୍କଜ ସ୍ମରଣ କରି ତାଙ୍କର କର-

କମଳରେ ଏହି "ନଦୀୟା ମାଧୁରୀ-

ଚତୁର୍ଥଉଲ୍ଲାସ" ପୁସ୍ତକଟି

ସମର୍ପଣ କଲି ।

ଇତି ।

ଶ୍ରୀ ଶ୍ରୀ ଫାଲ୍ଗୁନ ପୂର୍ଣ୍ଣିମା
ସନ ୧୯୪୪ମସିହା

ଦାସାନୁଦାସ
ଗ୍ରନ୍ଥ-ପ୍ରଣେତା

Digitized by srujanika@gmail.com

ସୂଚୀପତ୍ର

ବିଷୟ	ପୃଷ୍ଠା
ଅବଧୂତ ନିତ୍ୟାନନ୍ଦ	୫୯
ଅନ୍ୟଚିନ୍ତା ପରିହରି	୬
ଅଭିନବ ଗୌରଲୀଳା	୧୭
ଅନୁପମଶିକ୍ଷା	୨୪
ଅଭୟ ବରଦ ଗୋରା	୨୯
ଆସିଛନ୍ତି ନବଦ୍ୱୀପେ	୫
ଆହା କିବା ସଖି !	୧୬
ଆହା କି ବର୍ଣ୍ଣିବ ସଖି	୨୬
ଆସ ଆସ ଆଗୋ ସଖି	୨୯
ଆନନ୍ଦିତମନେ	୩୯
ଅନ୍ତର ସ୍ୱପନ କଥା	୪୩
ଆହାରେ ମୋର ନିମାଇଁ	୬୩
ଉଦୟ ହୋଇଲେ ନିତାଇ	୨୧
ଉଠ ହେ ନଦୀଆଚାନ୍ଦ	୩୮
ଏହି ତ ସେ ସୁବିଖ୍ୟାତ	୪୫
ଏକନିଷ୍ଠ ହୋଇ ଭଜ	୭୦
ଔଦ୍ଧତ୍ୟ ସ୍ୱଭାବ	୯
କଷିତ କାଞ୍ଚନ	୧୦
କେ ବୁଝିବ ଶ୍ରୀଗୌର	୩୧
କେ ଜାଣେ ଗୋ ସଖି	୩୧
କଳଧୌତ କାନ୍ତି	୫୫
କାନ୍ଦିଗଲେ ନବଦ୍ୱୀପ	୬୦
କାନ୍ତ ବିରହିଣୀ ହୋଇ	୬୩
ଗମ୍ଭୀରାରେ ଶ୍ରୀଗୌରାଙ୍ଗ	୪୮
ଗୋଲୋକର ନିତ୍ୟଧନ	୭

ବିଷୟ	ପୃଷ୍ଠା
ଗୌରପ୍ରେମ ତୃଷ୍ଣା	୯
ଗୋରାରୂପେ ଅଖି	୧୧
ଗୋରା ଅନୁରାଗେ	୧୨
ଗଙ୍ଗେ ନାମଟି କରା	୧୯
ଗୌରଚନ୍ଦ୍ର ଗୁଣନିଧି	୨୮
ଗୌର ପ୍ରେମ ଲୀଳା	୩୦
ଗୌରାଙ୍ଗଚନ୍ଦ୍ରଙ୍କ	୩୩
ଗୌର ବିବର୍ତ୍ତ	୪୭
ଗୌର ସୁନ୍ଦର ମୂର୍ତ୍ତି	୫୦
ଗୌରନାମ ପ୍ରେମ ତରଙ୍ଗିଣୀ	୪୨
ଗୌରନାମ ପ୍ରେମରେ ମଜ	୫୨
ଗୋରା ନାମ ଅମୂଲ୍ୟ	୫୩
ଗୋରା କନକ କାନ୍ତି	୫୭
ଘରେ ଘରେ ଝୁରୁଛନ୍ତି	୬୨
ଛଣା ସୁନା ହାଣ୍ଡି	୮
ଜୟ ଜୟ ଗୁରୁ	୧
ଜୟ ଗୌରଚନ୍ଦ୍ର	୨
ଜୟ ଜୟ ଜୟ	୪୨
ଦେଖ ଦେଖ କି	୩୫
ନଦୀଆଚାନ୍ଦ	୫୭
ନାଚେ ନବ ଗୋରା	୫୬
ନଦୀଆ ପୂର୍ଣ୍ଣଚନ୍ଦ୍ର	୩
ନଦୀଆ ନଗରେ	୬୪
ନିତାଇ ନାଗର	୨୧

Digitized by srujanika@gmail.com

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ନିତ୍ୟାନନ୍ଦ ପ୍ରେମ ଡୋରି	୨୮	ମହାପ୍ରଭୁ ବିଶ୍ୱମ୍ଭର	୩୨
ନୀଳାଚଳ ପଥେ	୨୧	ମନ ଦହୁଛି ମା	୪୮
ନୀଳାଚଳ ଧାମେ	୫୬	ମୋ ଭରସ ଏତେ	୫୯
ନିମାଇଁ ସୁନ୍ଦର ମୋର	୪	ଯେଉଁ ଧନଠାରୁ	୮୨
ନିତାଇ ଗୌର	୪୧	ଯେଉଁଧନୁ ଗୋରା	୬୪
ନବଦ୍ୱୀପେ ଶ୍ରୀଗୌର	୧୩	ଯେଦ୍ଧ ଶ୍ରୀଗୌର	୨୯
ନଦୀୟା ବିହାରୀ ଗୌର	୧୮	ରେ ସଜନି ଅଛି	୧୪
ନିତାଇ ସୁନ୍ଦର ଭାବ	୨୫	ଙ୍ଗେ ନାଭ ମଣ୍ଡଳ	୨୮
ପ୍ରଭୁ ନିତ୍ୟାନନ୍ଦ	୨	ଶଚୀଙ୍କ ନନ୍ଦନ	୨୭
ପ୍ରେମମୟ ଶ୍ରୀଗୌରାଙ୍ଗ	୩୮	ଶ୍ରୀ ଗୌରାଙ୍ଗ ନଟବର	୩୨
ପ୍ରଭୁନିତ୍ୟାନନ୍ଦ ମହିମା	୪୬	ଶ୍ରୀ ଗୌରାଙ୍ଗଲୀଳା	୩୩
ପତିତପାବନ ଗୌର	୬୧	ଶ୍ରୀ ବାସ ଅଙ୍ଗଣେ	୩୭
ଫୁଲଦୋଳିଆ	୧୨	ଶ୍ରୀ ଗୌର ଗମ୍ଭୀରା	୫୦
ବ୍ରଜେ ରାଧାକୃଷ୍ଣ	୫	ଶ୍ରୀ ଗୌରାଙ୍ଗ ଜୟ	୫୫
ବିନାମୂଲ୍ୟ ହରି	୬	ଶ୍ରୀ ଚୈତନ୍ୟ ନିମାଇଁ	୫୫
ବିଶ୍ୱମ୍ଭର ଗୌର	୪୦	ଶ୍ରୀ ବ୍ରଜ ପ୍ରସଙ୍ଗେ	୨୫
ବସୁଧାକାନ୍ଦରାପଥ	୮୫	ଶ୍ରୀ ଗୌର ବିରହେ	୬୭
ବହ୍ନିଗଳ ନେତ୍ରମ	୪୯	ଶ୍ରୀକ୍ଷେତ୍ର ପୁରୁଷୋତ୍ତମେ	୭୦
ବାନ୍ଧିଅଛି ଅଟାଳିଭେଲା	୫୧	ସଂକୀର୍ତ୍ତନ ରଙ୍ଗେ	୨୬
ଭକ୍ତ ପ୍ରିୟାଙ୍କର ହସ୍ତ	୫୮	ସାତକ୍ରମ ଭ୍ରାନ୍ତି	୩
ଭକ୍ତିପଥେ କଣ୍ଟା	୭	ସୁରଧୁନୀ ତୀରେ	୨୨
ଭାବାବେଶେ ଗୌର	୨୦	ସ୍ୱପ୍ନ ମୁହିଁତ	୧୫
ଭଜ ଭଜ ଶ୍ରୀଗୌରାଙ୍ଗ	୩୪	ସ୍ୱପ୍ନ ଅଭିକ	୧୬
ଭକ୍ତଗଣ ସେନ ସଙ୍ଗେ	୬୨	ସଙ୍କୀର୍ତ୍ତନ	୪୬
ମଧୁର ମୂରତି ଗୋରା	୨୩	ହରିନାମ ପ୍ରେମେ	୫୪
		ହରିଉପଦେଶ	୫୩

Digitized by srujanika@gmail.com

ନବୀନ-ମାଧୁରୀ

ଚତୁର୍ଥ ଉଲ୍ଲାସ

ମଙ୍ଗଳାଚରଣ ଶ୍ଳୋକଃ

ସ୍ଥାବରଂ ଜଙ୍ଗମଂ ବ୍ୟାପ୍ତଂ ଯତ୍ କିଞ୍ଚିତ ସଚରାଚରମ୍ ।
ତତ୍ପଦଂ ଦର୍ଶିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।

୧—ଶ୍ରୀଗୁରୁ ବନ୍ଦନା

ଜୟ ଜୟ ଗୁରୁ, କଳ୍ପମଙ୍ଗଳତରୁ ଅଧମ ଜନର ଗତି ।
ସ୍ଥାବର ଜଙ୍ଗମ ସର୍ବତ୍ର ବ୍ୟାପିଛ ଦୀନଅକିଞ୍ଚନ ପତି ।
ଚିନ୍ମୟ ଚିଦ୍‌ଘନର ସମସ୍ତ ମୂର୍ତ୍ତିସ୍ୱୟଂ ଶ୍ରୀନନ୍ଦନନ୍ଦନ ।
ପଣ୍ଡିତସାମନ୍ତ ମହାଦୟାବନ୍ତ ବାଞ୍ଛାଦାତା ଜନାର୍ଦ୍ଦନ ହେ ॥
ବେଦାନ୍ତ ଅମୃତ ପ୍ରସ୍ରବର ଭରେ ଅପାର ଚୈତନ୍ୟ ଦାତା ।
ତୁମ୍ଭେ ଧର୍ମ କର୍ମ ତୁମ୍ଭେ ପିତା ମାତା ପାତକୀର ପରିତ୍ରାତା ।
ଭବକର୍ଣ୍ଣଧାର ଶାନ୍ତିର ଆଧାର ସୁଖଦ ସନ୍ତାପହାରୀ ।
ଦୀନହୀନ ଦାସ ବୈଷ୍ଣବ ଚରଣ ପାଦୀକି ନିଅ ଉଦ୍ଧାରି ହେ ।୪।

—୦—

Digitized by srujanika@gmail.com

ଗୌର ଚନ୍ଦ୍ରିକା

୨—(ନବମାବଦମାନ୍ଦ—ବୃତ୍ତେ)

ଜୟ ଗୌରଚନ୍ଦ୍ର ନବଦ୍ୱୀପ ବାସୀ ।
ଶୁଦ୍ଧତପତ କାଞ୍ଚନ କାନ୍ତିରାଶି । ୧ ।
ଶଙ୍କ ସର୍ବଅବତାର ଶିରୋମଣି ।
ମହାଯତ ଇନ୍ଦ୍ରନାଥ ଭକ୍ତାଗ୍ରଣୀ । ୨ ।
ରାଇ କାହ୍ନୁ ଦୁଇ ତନୁ ଏକମୂର୍ତ୍ତି ।
ରସରାଜ ନଟବର ପୂନାହାନ୍ତି । ୩ ।
ଭବେ ଶ୍ରୀକୃଷ୍ଣ ଚୈତନ୍ୟ ନାମ ଧାରି ।
ଦାସ ବୈଷ୍ଣବଙ୍କୁ କଷ୍ଟୁ କର ପାର । ୪ ।

—୦—

ପ୍ରଭୁ ନିତ୍ୟାନନ୍ଦ

୩—(ରାଗ—ମଙ୍ଗଳ)

ପ୍ରଭୁ ନିତ୍ୟାନନ୍ଦ ମୋର ଅବଧୂତ ରାୟ ।
ପରମ ଅନନ୍ତ ରୂପୀ ପଦ୍ମାଙ୍କ ତନୟ ହେ । ୧ ।
ବସୁଧା ଜାହ୍ନବାଙ୍କର ପରାଣ ପିରୂଳି ।
ଭକତ ବାଞ୍ଛିତ ଭକ୍ତ କଣ୍ଠ ରତ୍ନମାଳି ହେ । ୨ ।
ବୀରଭଦ୍ରଙ୍କ ଜନକ ସ୍ୱୟଂ ହଳଧର ।
ସର୍ଵୀ ଭବେ ଅନଙ୍ଗ-ମଞ୍ଜରୀ ଅବତାର ହେ । ୩ ।
ଶ୍ରୀ ଚୈତନ୍ୟଚନ୍ଦ୍ରଙ୍କର ଅଗ୍ରଜ ଆପଣ ।
ବୈଷ୍ଣବ ଦାସର ହର କରମ ବନ୍ଧନ ହେ । ୪ ।

—୦—

Digitized by srujanika@gmail.com

ରସରାଜ ମୂର୍ତ୍ତି

୪—(କୃଷ୍ଣ ହେ ଏଥ କୃପା କରନ୍ତି—ବୃତ୍ତେ)

ନଦୀୟା ପୂର୍ଣ୍ଣଚନ୍ଦ୍ର ରସ ରାଜ ମୂରତି ହେ ।
ଅରକ୍ଷ ରକ୍ଷଣ ପତିତ ଗତି ହେ । ଘୋଷା ।
ଶଚୀମାତାଙ୍କର ନୟନ ପୁତଳୀ ବିଷ୍ଣୁପ୍ରିୟାଙ୍କର ପରାଣ ପତି ।
ନବଦ୍ୱୀପବାସୀଙ୍କର ଗଳାହାର ଅଦ୍ୱୈତ ଆରାଧ୍ୟ କନକ କାନ୍ତି ହେ ॥
ଗଦାଧର ଚିତ୍ତ ଉଲ୍ଲାସ କାରକ ନିତ୍ୟାନନ୍ଦ ସଖା ଭକ୍ତଙ୍କ ସାଥି ।
ଶ୍ରୀବାସଙ୍କ ଗଣ୍ଡି ସଙ୍ଗାଳି ଗୌରାଙ୍ଗ ସଂକୀର୍ତ୍ତନ ନାଚ ପ୍ରଧାନ ଯତି ହେ ।
ସ୍ୱରୂପ ଦାମୋଦରଙ୍କ ଅତିପ୍ରିୟ ରାମାନନ୍ଦ ରାୟ ହୃଦ ସମ୍ପତି ।
ରୂପ ସନାତନ ଜୀବନ ସର୍ବସ୍ୱ ନିକୁଞ୍ଜମଣ୍ଡନ ଯୁଗ୍ମଦମ୍ପତି ହେ ।୩।
ପତିତପାବନ ପାତକ ଧ୍ୱଂସନ ନରକ ନାଶନ ପ୍ରଭୁ ଶ୍ରୀପତି ।
କଣେ ମୁଁ ଗରିବ ଅନାଥ ଏବେବେ ଭଣେ ବଳଷ୍ଟର ଦାସ ଦୁର୍ମ୍ମତି ହେ ॥

—o—

ମୋ ଦୁଃଖ ହର

୫—(ବୃନ୍ଦାରଣ୍ୟ ସାର୍ବଭୌମ ଦମ୍ପତି—ବୃତ୍ତେ)

ସାତ କୁମ୍ଭକାନ୍ତ ନନ୍ଦନ ଗୋରା । ମୋ ଦୁଃଖ ହର ।
ଶଚୀମାତାଙ୍କର ନୟନ ତାରା । ମୋ ଦୁଃଖ ହର । ୧ ।
ବିଷ୍ଣୁପ୍ରିୟାଙ୍କର ହୃଦୟ ହାର । ମୋ ଦୁଃଖ ହର ।
ଭକତମାନଙ୍କ ପ୍ରେମ ପସରା । ମୋ ଦୁଃଖ ହର । ୨ ।
ଚଉଦଭୁବନ ପାଗଳ କରା । ମୋ ଦୁଃଖ ହର ।
ନାମସଂକୀର୍ତ୍ତନ ନାଚ କଲୋରା । ମୋ ଦୁଃଖ ହର । ୩ ।
ପତିତମାନଙ୍କ ପାତକ ଚୋରା । ମୋ ଦୁଃଖ ହର ।
ଭଣେ ବଳଷ୍ଟର ଦାସ ପାମରା । ମୋ ଦୁଃଖ ହର । ୪ ।

—o—

Digitized by srujanika@gmail.com

ଇଷ୍ଟଦେବ ଚିନ୍ତା

୬—(ଭଜ ମୋ ସାକ୍ଷୀଗୋପାଳ—ବୃତ୍ତେ)

ଅନ୍ୟଚିନ୍ତା ପରିହର ! ଇଷ୍ଟଦେବ ଚିନ୍ତ ଧରା ଝେଙ୍ଗି ।
ହେ ଭକ୍ତ ଭାଇ ! ଭବାର୍ଣ୍ଣବୁଁ ଯିବ ତରି ।୧।
ଯେ କେତୀ ସ୍ମରଣେ ଇଷ୍ଟ । ନ ବାଧଇ ତାକୁ କିଛି ଅନିଷ୍ଟ ।
ହେ ଭକ୍ତ ଭାଇ । ଇଷ୍ଟଚିନ୍ତ କରି ମନୋନିଷ୍ଠ ।୨।
ଇଷ୍ଟଦେବ ସ୍ୱୟଂ ଗୁରୁ । କୃପାରସିନ୍ଧୁ ବାଞ୍ଛାକଳ୍ପତରୁ ।
ହେ ଭକ୍ତ ଭାଇ । ସେ ଯେ ଅପାର ମହିମା ମେରୁ ।୩।
ବଇଷ୍ଣବ ଦାସ ଭଣେ । ମତି ରଖି ଇଷ୍ଟଦେବ ଚରଣେ ।
ହେ ଭକ୍ତ ଭାଇ ! ହୁଅ ସାଧୁଙ୍କ ଗୋଷ୍ଠିରେ ଜଣେ ।୪।

—※—

ଶ୍ରୀଗୌର ଗୋପାଳ

୭—(କହ ମୋ କାଳିଆ ହାତ୍ତ କନ୍ଦର୍ପ ମୋହନ—ବୃତ୍ତେ)

ନମାଇଁ ସୁନ୍ଦର ମୋର ଶ୍ରୀଗୌର ଗୋପାଳ ।
ତୁମ୍ଭେ ମୋ ସର୍ବସ୍ୱ ପିତା ଶଚୀଙ୍କ ଦୁଲ୍ଲାଳ, ଗୌରଗୋପାଳ ହେ ।।
ଅକଳ ଦୁଃଖୀ ମୁଁ ଅତି ଅଧମ ପାମର ।
ହେବକ ସତେ କୋମଳ ପଦାବ୍ଜେ ଭ୍ରମର ।
ଗୌରଗୋପାଳ ହେ ।୨।
ନ ଜାଣେ ଭକତି ପ୍ରଭୁ ନ ଜାଣେ ବନ୍ଦନ ।
ନ ଜାଣେ ଭଲ ଅପାର ଭବ ନାମ ଭଜ ଗୌରଗୋପାଳ ହେ ।।
ମମ ହୃଦୟ ମନ୍ଦିରେ ରଜେ କରି ନାଥ ।
ଦେଖାଅ ସୁଗତ ପଥ ବୈଷ୍ଣବ କଥିତ ଗୌରଗୋପାଳ ହେ ।୪।

Digitized by srujanika@gmail.com

ଶ୍ରୀକୃଷ୍ଣ ଚୈତନ୍ୟ ତତ୍ତ୍ୱ

୮—(ଜୟ ଜୟ ଗୁରୁ ପ୍ରେମକଲ୍ପତରୁ—ବୃନ୍ଦେ)

ବ୍ରଜେ ରାଧାକୃଷ୍ଣ ଯେହ୍ନ, ଶ୍ରୀକୃଷ୍ଣ ଚୈତନ୍ୟ ସେହ୍ନ;
ଶଚୀ ସୁତ ବୋଲି ପରକାଶ ।
ଶ୍ରୀରାଧିକା ଭାବ କାନ୍ତି, ପ୍ରେମରେ ଗୌରାଙ୍ଗ ମୂର୍ତ୍ତି;
ଶ୍ରୀକୃଷ୍ଣ ସ୍ୱରୂପଟି ବଖାଣ ହେ ।୧।
ନିକୁଞ୍ଜେ ସ୍ୱାପର ଦେଇ, ଥିଲେ ତନମୁଣେ ମୁଣ୍ଡି;
ଋଣୀ ହୋଇଲହିଁ ଶ୍ରୀରାଧାର ।
କଳିରେ ସୁଙ୍ଖିତ ଏହା,- ବୋଲି ଗୃହୁବଂଶୀ ବାହା;
ଖତ ଲେଖିଦେଲେ ଚମତ୍କାର ହେ ।୨।
ଶ୍ରୀ କଶୋର ଭବକାନ୍ତ,- ପ୍ରେମ ଏହ୍ନ ଋଣ ଖ୍ୟାତ;
ପରିଶୋଧ କରିବା କାରଣ ।
ଆପଣେ ଗୌରାଙ୍ଗ ହେଲେ, ପ୍ରେମ ନାମ ପ୍ରଚାରିଲେ;
କଲେ ପୁଣି ସନ୍ନ୍ୟାସ ଧାରଣ ହେ ।୩।
ରାଇ ଭାବେ ଡଭବତ, ଜଗତର ବାଞ୍ଛାହୃତ;
ଅଚଣ୍ଡାଳେ ରଟ ଭଲେ ନାମ ।
ଶ୍ରୀକୃଷ୍ଣ ଚୈତନ୍ୟ ତତ୍ତ୍ୱ, ଅପୂର୍ବ ମହାମହତ୍ତ୍ୱ;
କହେ ଦାସ ବୈଷ୍ଣବ ଅଧମ ହେ ।୪।

ନିତାଇ ସୁନ୍ଦର

୯—(ଜୟ ଜୟ ଶ୍ରୀଗୁରୁ ଶ୍ରୀଚରଣାରବିନ୍ଦ—ବୃନ୍ଦେ)

ଅସିଚନ୍ଦ୍ର ନବଦ୍ୱୀପେ ନିତାଇ ସୁନ୍ଦର ।
ଲଗାଇବା ପାଇଁ ନାମ ପ୍ରେମର ଦୁନ୍ଦର ହେ ।୧।

Digitized by srujanika@gmail.com

ଶ୍ରୀଗୌରଙ୍ଗ ଚନ୍ଦ୍ର ସଙ୍ଗେ ହଦ୍ବଚନ୍ଦ୍ର ଧାଣ୍ଡେ ।
ସଂକୀର୍ତ୍ତନର ରଙ୍ଗେ ନୃତ୍ୟ କରନ୍ତି ଜଢଣ୍ଡେ ହେ ।୨।
ସହାସ୍ୟ ବଦନେ ଘନ ସ୍ମୀନେ ବୋଲ ଭଛ ।
ଯାଚ ଦଅନ୍ତି ଶ୍ରୀହରି ନାମ ସ୍ନେହ ଭରି ହେ ।୩।
ନୟନ ଯୁଗଳୁ ପ୍ରେମବାରି ଯାଏ ବହି ।
ଅଦ୍ଭୁତ ଲୀଳା କରନ୍ତି ଠାବେ ଠାରେ ରହି ହେ ।୪।
ଧନ୍ୟ ସେହି ନିତ୍ୟାନନ୍ଦ ଦୟାଳୁ ଠାକୁର ।
ପରମ ଅଗାଧ ଦେବ ବୈଷ୍ଣବ ଦାସର ହେ ।୫।

ନାମ ବିତରଣ

୧୦—(ଭଜ ଭଜ ଭଜ ମନ ରଟେ କୃଷ୍ଣ ବୋଲ—ବୃଣ୍ଡେ)

ଜନାମୂଲ୍ୟେ ହରି ନାମ ହୁଏ ବିତରଣ ।
ନିତ୍ୟାନନ୍ଦ ନାମେ ଦାତା ବଡ଼ ମହାଜନ ॥
(ନାମ ହୁଏ ବିତରଣ) । ପଦ ।
ଆସରେ କେ ନେବ ଆସ ଗୋ ଚତୁର ଭାଇ । ।
ଏମନ୍ତ ସୁଯୋଗ ଆଜ ପାଇବଟି ନାହିଁ ।୧।
ଜାତର ବିଗୁର ଏଥି ନାହିଁ ଆରେ ଭାଇ । ।
ପାତ୍ର କି ଅପାତ୍ର କିଛି ନବାଚେ ନିତାଇ ।୨।
ଅମୂଲ୍ୟ ସମ୍ପତ୍ତି ନାମ ନିଅ ଦୁଃଖୀ ଭାଇ ।
ଭାଗ୍ୟବନ୍ତ ପ୍ରାଣୀଙ୍କି ଏ ସୁଲଭ ଅଟଇ ।୩।
ପରମ ଦୟାଳୁ ନିତ୍ୟାନନ୍ଦ ପଦେ ନମି ।
ବୈଷ୍ଣବ ଦାସ ବୋଲେ ବ୍ୟର୍ଥେ ନୁହ ଭ୍ରମି ।୪।

Digitized by srujanika@gmail.com

ନିତ୍ୟଧନ

୧୧—(ଅହୋ ନାଥ ପ୍ରାଣନାଥ—ବୃତ୍ତେ)

ଗୋଲକର ନିତ୍ୟଧନ, ହରିନାମ ସଙ୍କୀର୍ତ୍ତନ;
କଳିଯୁଗେ ମାନବେ ସୁଲଭ ।
ବିତରିଲେ ନିତ୍ୟାନନ୍ଦ,— ସଙ୍ଗେ ଶ୍ରୀଗଉରଚନ୍ଦ୍ର;
ଦେବତାଙ୍କୁ ଯେ ମହା ଦୁର୍ଲ୍ଲଭ ହେ । ୧ ।
ଧନହୀନ ଅକିଞ୍ଚନ, ପତିତ ପାଷଣ୍ଡୀ ଜନ;
ଯବନ ସହିତେ ନର ନାରୀ ।
ସର୍ବେ ହେଲେ ଅଧିକାରୀ, ପାତ୍ରା ପାତ୍ର ନ ବିଚାରି;
ବଣ୍ଟେ ଯାଚି ଦେଲେ ଗୌରହରି ହେ । ୨ ।
ଦରିଦ୍ର ହୋଇ ଯେ ଜଣେ, ନ ରହିଲେ ଏହି ଧନେ;
ମହାଧନୀ ବୋଲାଇଲେ ସର୍ବେ ।
ପରମଦୟାଳୁ ମଣି, ନିତ୍ୟାନନ୍ଦ ଦେବାଗ୍ରଣୀ;
ବଡ଼ ବୁଝାଇଲେ ପଶୁ ଜୀବେ ହେ । ୩ ।
ଅଦ୍ୟାବଧି ଗୁରୁରୂପେ, ସେ ଧନ ଦିଅନ୍ତି ଆପେ;
ଶ୍ରୀଗୌରାଙ୍ଗ ନିମାଇଁ ସୁନ୍ଦର ।
ଅକିଞ୍ଚନ ଧନହୀନ, ବୈଷ୍ଣବ ଦାସ ଅଧମ;
ନ ଭଜ ଯା ଶ୍ରୀନାମ ଆଦର ହେ । ୪ ।

ଭକ୍ତି-କଣ୍ଟକ

୧୨—(ଚଳାଚଳେଚର ଚହ୍ନାଇଁ—ବୃତ୍ତେ)

ଭକ୍ତିପଥେ କଣ୍ଟା ପାଞ୍ଚଟି ଅଗ୍ରେ ପକା ଓଟାଇ ।
ନୋହିଲେ କଦର୍ଯ୍ୟ ଲଭିବ ପିନ୍ଧା ଫୁଟାଣ ସଇ ।।୧।
ଜାତି ବୋଲି ଏହି ପ୍ରଥମ କଣ୍ଟା ଦିଅ ଉପାଡ଼ି ।
ବିଦ୍ୟାଟି ଦ୍ୱିତୀୟ କଣ୍ଟା ସେହ ଦିଅ ସମୂଳେ ତାଡ଼ି ।୨।

Digitized by srujanika@gmail.com

ମହତ୍ତ୍ୱ ନାମରେ ତୃତୀୟ କଣ୍ଟା ବଡ଼ ବିଷମ ।
ଛାଡ଼ି ଦିଅ ଚିତ୍ତୁଁ ଘଇରେ ଅନାୟୁ ସେ ନ ଭ୍ରମ ।୩।
ରୂପ ଅଟେ ପୁଣି ଚତୁର୍ଥ କଣ୍ଟା ଭକ୍ତି ପଥରେ ।
ବିବେକ କୁଠାରେ ହାଣେ ତା ଦାଜ ବହୁ ହେ ଦୂରେ ।୪।
ଯୌବନ ନାମରେ ପଞ୍ଚମ କଣ୍ଟା ଭଲେ ନିବାର ।
ପରମ ବସ୍ତୁ ଏ ଅଟଇ ନ ରଖ ମୂଳ ଚେର ।୫।
ଏହି ପାଞ୍ଚ କଣ୍ଟା ଉତ୍ତମ ଭାବେ ଓଜାଡ଼ି ଦିଅ ।
ତେବେ ଯେବେ ଭକ୍ତି ସରଣୀ ଗୃହିଁ ଚଳିଣ ଯାଅ ।୬।
ଶେଷରେ ମିଳିବ ଯାଇଁ ହେ ପ୍ରେମ ଭକ୍ତି ଭେଟିବେ ।
ଦୁଃଖୀ ବଇଷ୍ଣବ ଦାସ ଯେ ଏହା କହଇ ଠିକେ ।୭।

—o—

ନୟନ ମୋହନ ଛବି

୧୯—(କନାଡ଼ ବୋଇଲୁ ତୁହି ଗୋ—ବୃନ୍ଦେ)

ଛଣାସୁନା ହାଞ୍ଚ ଗଉର ମୂରତି ନୟନ ମୋହନ ଛବି ।
ଭୁବନମୋହନ ଗୃହୁ ଅପଘନ ଦେଖି କେ ନୋହିବ ବାଇ ? ।୧।
ଚୋଟିଭାମ ଜିଣି ସେ ଲାବଣ୍ୟ ଠାଣି ହରେ ପତିବ୍ରତା ମତି ।
ଭୁଲ ଭୁଆସୁଣୀ ହୋଇ କେ ନ ହେବ ଗୃହିଁ ଗୌରଚନ୍ଦ୍ର ଗତି ।୨।
ହାସ ଘୃଷ ଲାସ୍ୟ ଭ୍ରୂଭଙ୍ଗୀ ବିଳାସ ତ୍ରିଜଗଦଭୁବନେ ନାହିଁ ।
କେଉଁ ସତୀ ଅବା ଧଇର୍ଯ୍ୟ ଧରିବ ଥକରକ ଦେଲେ ଏନାଇଁ ।୩।
ଜାତି ଅଭିମାନ ଗାରିମା ଗୁମାନ ରଖି ପାରିବ କେ ଭଲେ ? ।
ଶ୍ରୀଶଚୀନନ୍ଦନ ଶୋଭାକୁ ଟିକଏ ମାତ୍ର ଯେ କି ଗୃହିଁ ଦେଲେ ।୪।
ନଦୀୟା ନଗରେ ଭଳ ସୁଯୋଗରେ ଏରୂପ ହୋଇଛି ଜାତ ।
କହେ ଦୀନହୀନ ବଇଷ୍ଣବ ଦାସ ତାଙ୍କୁ ମୋର ପ୍ରଣିପାତ । ୫ ।

—o—

Digitized by srujanika@gmail.com

ଗୌରପ୍ରେମ ଭିଖାରୀ

୧୪—(ଫାଲ୍‌ଗୁନ ପୂର୍ଣ୍ଣିମା ତିଥି ନକ୍ଷତ୍ର ଫାଲ୍‌ଗୁନୀ—ବୃନ୍ଦ)

ଗୌରପ୍ରେମ ଭିକ୍ଷା ଲାଗି ଏ ଦୀକ୍ଷା ମୋହର ।
ଗୌର ନାମାବଳୀ ଚ୍ଛନ୍ନେ କଲ ଗଳାହାରେ ହେ ।୧।
ଛାଡ଼ିଲି ସଂସାର ଭୟ ଜାତିମୀତ ଆଶା ।
ଗୌର ଗୋବିନ୍ଦ ଶ୍ରୀପଦ ଏବେ ମୋ ଭରସା ହେ ।୨।
ଫନ୍ଦାକଲି ନିନ୍ଦାବାଣୀ ଇତର ବଦନେ ।
ଧଡ଼ା ଭୁଣ୍ଡାଇ ରସିଲି ଚନ୍ଦ୍ରା ବର୍ଜାସିନେ ହେ ।୩।
ନିଜ ସମ୍ମହରେ ମୋର ଦେଲି ଜଳାଞ୍ଜଳି ।
ଏବେ ଗୌରଚନ୍ଦ୍ର ପ୍ରେମ କରୁଛି ଝୋଳି ହେ ।୪।
ଗୌରଭକ୍ତଙ୍କର ଉଚ୍ଛିଷ୍ଟର ସଦା ଆଶ ।
ଗୌର ପ୍ରେମ ଭିଖାରୀ ମୁଁ ବୈଷ୍ଣବ ଦାସ ହେ ।୫।

ଉପଦେଶାବଳୀ

୧୫—(ନିତାଇ ନାଗର ବୋଲ କଏ ଜଣେ—ବୃନ୍ଦ)

ଔଦ୍ଧତ୍ୟ ସ୍ୱଭାବ ବିସର୍ଜି ଭାଇ ପରିତ୍ୟାଗ କର ସବୁ ।
ସର୍ବଦା ନିଜକୁ ସାନ ମନେ କରି କର ଶ୍ରୀନାମକୀର୍ତ୍ତନ । ୧ ।
ହୃଦୟରେ ଦୈନ୍ୟଭାବକୁ ଜାଗ୍ରତ କରଇ ନିଶି ଦିବସେ ।
ଦୁର୍ବାକ୍ୟ ନ ଭାଷ କେବେହେଁ ବ୍ୟଥା ଟି ନ ଦିଅ କାହା ମାନସେ ।୨।
ସାନ ବଡ଼ ଧନୀ ଦରିଦ୍ର ପଣ୍ଡିତ ମୂର୍ଖ ଆଦି ସମସ୍ତଙ୍କୁ ।
ସନ୍ତତେ ବନ୍ଦନୀ କରିଥାଅ ଭାଇ ତରିବ ନରକ୍ରହିତଙ୍କୁ । ୩ ।
ଅନାଭାରଣେ କେ କୁବାକ୍ୟ କହିଲେ ଅମ୍ଳାନ ବଦନେ ସହି ।
ସହୁଥାଉ ଥାଅ ତରୁଙ୍କି ପରି ସ୍ୱଚେଷ୍ଟ ଗୌରହରି ନାମ ଗାଇ । ୪ ।

Digitized by srujanika@gmail.com

କଟୁବଚନରେ କାହାକୁ କଦାପି ଦିଅ ନାହିଁ ପ୍ରତ୍ୟୁତ୍ତର ।
କ୍ଷମାଗୁଣେ ସ୍ୱଭ । ସାରା ଜଗତକୁ ଭଲେ ବଶୀଭୂତ କର ।୫।
ତୃଣର ଠେ ପଦ ଅନନ୍ତ ସାଧୁବ ତୁମ୍ଭେ ତା ମଙ୍ଗଳ ସାଙ୍ଗ ।
ସହିଷ୍ଣୁତା ଗୁଣେ ଗୌରଗୋବିନ୍ଦଙ୍କ ପ୍ରିୟ ଦାସ ହୁଅ ସ୍ୱଚ୍ଛ ।୬।
ତୃଣରେ କେହ୍ଣ ନମ୍ରତା ଅଚରଲେ ତାର ତୁମ୍ଭେ ହୁଅ ମାନ ।
ହିଂସକ ଜୀବର ମଙ୍ଗଳ ନିମନ୍ତେ ପ୍ରଭୁଙ୍କୁ ଜଣାଅ ମାନ ।୭।
ପରମ ସହାୟ ଭକତ ପଥର ଅହିଂସା ପରମ ଧର୍ମ୍ମ ।
ନିଜ ମନେ ସଦା ସୁଖ ଶାନ୍ତି ରଖ କହେ ବୈଷ୍ଣବ ଅଧମ ।୮।

ନୟନାନନ୍ଦ ପସରା

୧୬—(ଯେଉଁଦିନୁ ପ୍ରଭୁ ବାହାରି ଗଲଣି—ବୃନ୍ଦେ)

କଷିତ କାଞ୍ଚନ କଳେବରଧନ ଶଚୀଙ୍କ ନୟନ ତାରା ଗୋ ।
ନଦୀୟାନଗରୀ ନାଗରୀମାନଙ୍କ ହୃଦୟ ରତନ ହାରା ଗୋ ।
ସେ କନ୍ଦର୍ପହାରୀ ବାଙ୍କା ରସିକେନ୍ଦ୍ର କାହା ଜାତ ? । ୧ ।
ଦରଶନ କଲି ଯେଉଁଦିନୁ ତାଙ୍କ ଅପୂର୍ବ ଲାବଣ୍ୟଠାଣି ଗୋ ।
ସେହିଦିନୁ ମୋର ନେତ୍ରେ ନାଚୁଛନ୍ତି ନବଦ୍ୱୀପ ଶଶୀମଣି ଗୋ ॥
ଏକା ଗୌର ବିନେ । ଆଉ ତ ମୁଁ କିଛି ନାହିଁ ଜାଣେ । ୨ ।
ଯେ ଯାହା ବୋଲିବେ ବୋଲନ୍ତୁ ପଛକେ ହେବି ଗୌର ସେବକାମା,
ଏ ଦେହ ଜୀବନ ମନ ସହିତରେ ତାଙ୍କୁ ବିକସାରିଲିଣି ଗୋ ॥
ଗୋରା ଶ୍ରୀଚରଣେ । ବହିଥିବି ନବଦାସୀ ପଣେ । ୩ ।
ଯେଣେ ଗଲେ ତେଣେ ତାଙ୍କ ନାମ ଶୁଣେ ପାସୋର ନପାଇ ମନୁ ।
ଗୌର ପ୍ରେମସିନ୍ଧୁମାରେ ବୁଡ଼ିଥିବ ଅମୀୟ ଗୃହିବଦନୁ ଗୋ ।
ଗୌରକଥା ଛଳେ ରସିଥିବ ପ୍ରାତ ଅବକାଶେ । ୪ ।

Digitized by srujanika@gmail.com

ଗୌର ମନ୍ତ୍ର ଜପି ଧନଜାଲ ନେବ ଆନେ ନାହିଁ ଅଭିଳାଷ ।
ଗୌର ମୋର ଧ୍ୟାନ ଗୌର ମୋର ଜ୍ଞାନ କହେ ବଇଷ୍ଣବ ଦାସ ।
ଗୌରଚନ୍ଦ୍ର ପ୍ରେମ । ଗୋରା ମୋ ନିତ୍ୟାନନ୍ଦ ପସରା ଗୋ । ୫ ।

—※—

ରୂପାନୁରାଗ

୧୭—(ଲୁଚିବାର ସିନା ଜାଣୁରେ କିଶୋରୀ—ରୂପକେ)

ଗୋରାରୂପେ ଆଖି-ପକ୍ଷୀ ଗଲା ଲାଖି ଲେଉଟି ନ ଆସେ ଆଉ ।
ଏ ମନ୍ତ୍ର ଜାଣେ ସେ ନଦୀଆବୃନ୍ଦ ଧୂର୍ତ୍ତଙ୍କରେ ଗୃହୁଁ ଗୃହୁଁ ଲୋ ।
ସଜନି ! କପାଳେ ସୁନ୍ଦର ପ୍ରୀତି ।
ପିଣ୍ଡେ ପ୍ରାଣଥିଲେ ମୂର୍ଚ୍ଛିତ ଏ ଭଳେ ହେଲେ ହେଉ ଅପଖ୍ୟାତି ।୧।
ଗୋରା ଗୋରା ବୋଲି ନଗରେ ବୁଲଇ ଉପାସିନୀ ବେଶଧରି ।
ଗୋରା ଶ୍ରୀଚରଣେ ନବଦାସୀ ହେବି ରହିଥିବି ଅନୁସରି ଲୋ ।
ସଜନି ! ଗୋରା ମୋ ସର୍ବସ୍ୱ ସିନା ।
ଗୋରା ନାମରତ୍ନ ଗଳାହାର କରି ଧନଜାଳ ଯାଉ କିନା । ୨ ।
କି ସୁନ୍ଦର ଗୋରା ଚଳନ୍ତେ ତା ପରା ଏମନ୍ତ ଭୁବନେ ନାହିଁ ।
ଭଲ ସୁଯୋଗରେ ଦେଖା ଦେଇ ହେଳ ମନକୁ ନେଉଛି ବାନ୍ଧି ଲୋ ।
ସଜନି ! ମୁଁ ତ ଗୋରା ପାଗଳିଣୀ ।
ତାଙ୍କ ରୂପ କଥା ତ ନ ଛୁଟେ କଣ୍ଠେ ଗୋରା ମୋ ନୟନମଣି ।୩।
ସେ କନକ ଗୋରା ମୋର ଧନସର୍ବ ସବୁ କହିଲି ତୋ ଆଗେ ।
ଲକ୍ଷ ଅପବାଦ ଶୁଣିବି ପଛେ ମଜ୍ଜି ଗୋରା ଅନୁରାଗେ ଲୋ ।
ସଜନି ! ଗୋରା ମୋ ହୃଦୟନିଧି ।
କହେ ଦୀନହୀନ ବଇଷ୍ଣବ ଦାସ ଗୋରା ମୋ ସକଳ ସିଦ୍ଧି ଲୋ ।୪।

———

Digitized by srujanika@gmail.com

ଫୁଲ ଦୋଳିଆ

୧୮—(କଳୁଷ ହେଉନୁ ମଧୁର ମୂରତି—ବୃନ୍ଦେ)

ଫୁଲ ଦୋଳିଆ ଶ୍ରୀ ଗୌରାଙ୍ଗ ସୁନ୍ଦର
ଝୁଲନ୍ତି ଅପୂର୍ବ ରଙ୍ଗେ ।
ଶଚୀମାତା ଧୀରେ ଝୁଲାଇ ଦିଅନ୍ତି
ମାଳିନୀ ସଖୀଙ୍କ ସଙ୍ଗେ ।
ଆହା କି ସୁନ୍ଦର ! ନଦୀୟା ଗଗନ ଶଶାଧର ।୧।
ବାତୁଳ ନିମାଇଁ ପଡ଼ନ୍ତି ଘୁମାଇଁ ଜନନୀ ଝୁଲାଇବାରେ ।
କିଛିକ୍ଷଣ ପରେ ନେତ୍ର ଡୋଳାଗୁଳି ହସନ୍ତି ସେ ଦୋଳାପରେ ।
ଆହା କି ସୁନ୍ଦର ! ନଦୀୟା ଗଗନ ଶଶାଧର ।୨।
ଅପୂର୍ବ ମାଧୁରୀ ଶ୍ରୀ ଗୌରାଙ୍ଗଶିଶୁ ସୁନାକାନ୍ତି ଝଲମଲ ।
ବାତ୍ସଲ୍ୟମୟୀ ଜନନୀ ଶଚୀଙ୍କର ଅଞ୍ଚଳନିଧି ଅମୂଲ୍ୟ ।
ଆହା କି ସୁନ୍ଦର ! ନଦୀୟା ଗଗନ ଶଶାଧର ।୩।
ପୁରନାରୀମାନେ ଆନନ୍ଦିତ ମନେ ଦେଖନ୍ତି ସେ ବାଲ୍ୟଲୀଳା ।
ହରି ହରି ବୋଲି କରତାଳି ମାରି ଖେଳାନ୍ତି ହୋଇ ବିହ୍ୱଳା ।
ବଇଷ୍ଣବ ଦାସ । ଦର୍ଶନେ ନ'ପାଏ ଅବକାଶ ।୪।

ଲାଳସା

୧୯—(ସଖେ ବୃନ୍ଦାବନେ ଏ ପାପନୟନେ—ବୃନ୍ଦେ)

ଗୌର ଅନୁରାଗେ କେବେ ସୁଖଯୋଗେ ଗଙ୍ଗାତୀରେ ବାସ କରିବି ?
ବୈଷ୍ଣବଙ୍କ ସଙ୍ଗେ ଶ୍ରୀଗୌର ପ୍ରସଙ୍ଗେ ସଦାଦିନ କାଳ ହରିବି ।୧।
ହୋଇ ମୁଁ ପାଗଳ ଶ୍ରୀ ଗୌରମଣ୍ଡଳ କେବେ ପରିକ୍ରମା କରିବି ?
ଛିଣ୍ଡାକନ୍ଥା ଲଣ୍ଡାମଥା ହୋଇ କେବେ ମାଟିଖିଆ ବେଶ ଧରିବି ।୨।
ହାଗୌର ହାଗୌର ବୋଲି ଉଚ୍ଚସ୍ୱରେ କେବେ ସାଶ୍ରୁଭରେ ଥରିବି
ସାଧୁମାନଙ୍କର ଭୁକ୍ତ ଅବଶେଷ କେବେ ମୁଁ ତୁଣ୍ଡରେ ଭରିବି ? ।୩।

Digitized by srujanika@gmail.com

ସଙ୍କୀର୍ତ୍ତିମାଆଙ୍କ ପଛେ ଗୋଡ଼ାଇ କେବେ ତାଙ୍କୁ ଅନୁସରିବ ? ।
ଗୌରାଙ୍ଗ ଚରିତ ଶ୍ରବଣେ ଦୁରିତ ହର ଭବଟି ଅଚିରିବ ।୩।
କେବେ ଗୁରୁଦେବଙ୍କର କୃପାହେବ କଙ୍ଗାଳ କାଳ ଉଦ୍ଧରିବ ।
କହେ ପାନଗ୍ରାମ ବଇଷ୍ଣବ ଦାସ କଣ୍ଠନ୍ତରେ ନାମ ସ୍ଫୁରିବ ।୪।

—※—

ଅପୂର୍ବ ବିଳାସ

୨୦—(କି ହେରନୁ ଓଗୋ ସଇ ବଦଗାଧରାଜ—ବୃନ୍ଦେ)

ନବଦ୍ୱୀପେ ଶ୍ରୀଗୌରାଙ୍ଗ ଅପୂର୍ବ ବିଳାସ ।
ପ୍ରକଟିଲ ଅପ୍ରକଟ ବ୍ରଜ ପ୍ରେମରସ ହେ ।୧।
ଅନେକ ଯୁଗର ଅନର୍ପିତ ଧନ ଯେହୁ ।
ପାନଗ୍ରାମେ ବାଣ୍ଟିଲେ ଦୟାନ୍ତ ନିମାଇଁ ହେ ।୨।
କେତେହୁ ବୁଝେ କେ ନ ବୁଝେ ଏହାର ମରମ ।
ପ୍ରିୟ ପରିକରେ ଜାଣିଥାନ୍ତି ଗୋରା ପ୍ରେମ ହେ ॥
ଭଲା ଥନୁ ଗୋରା ହେଲେ ଯେଉଁ କାରଣେ ।
ଅନ୍ତରଙ୍ଗ ଭକ୍ତଙ୍କୁ ଆନ କେ ନ ଜାଣେ ହେ ।୩।
ରସ ଆସ୍ୱାଦନେ ଅତିପ୍ରିୟ ଭକ୍ତେ ରତ ।
ନାମ ସଙ୍କୀର୍ତ୍ତନେ ହେଲେ ଆବର ଭକତ ହେ ।୪।
କେତେହୁ ବହିରଙ୍ଗ କେତେହୁ ଅନ୍ତରଙ୍ଗ ଜନ ।
ଗୌର ଅପୂର୍ବ ବିଳାସେ ସଦା ନିମଗନ ହେ ।୫।
ଏଭାବେ ବେଳେ ନାମ ପ୍ରେମ ପ୍ରଚାରିଲେ ଗୋରା ।
ଦୁଃଖ ପାସୋରି ଠାକୁର ଦୟାନ୍ତ ନହରି ହେ ।୭।
ନଦୀୟାବିହାରୀ ଗୌର ପଦେ କରି ଆଶ ।
ଶ୍ରୀଗୁରୁ ସୁମରି କହେ ବଇଷ୍ଣବ ଦାସ ହେ ।୮।

—○—

Digitized by srujanika@gmail.com

ରୂପଦର୍ଶନ

୨୧—(ହେ ରମଣୀ ଗୁରୁଜନେ ଯେବେ ଘାତ—ବୃନ୍ଦେ)

ହେ ସଜନି ! ଆଜକ ଦେଖିଲି ମୁହିଁ ।
ସେ ସୁନାର ଗୋରା, ହଟ ଚଉହେରା;
ଉପମା ଦେବାକୁ ନାହିଁ । ଯୋଡ଼ା ।
ସଙ୍ଗେ ଭକ୍ତଗଣ,— ପଟୁର ନର୍ତ୍ତନ;
ଗାନ ରସେ ଥିଲେ ଭୋଳା ।
କେ ବାଏ ମର୍ଦ୍ଦଳ, କେହୁ ବାଏ ତାଳ;
କେ ଗାଏ ଫିଟାଇ ଗଳା ।୧।
ସବୁରି ଅଙ୍ଗରେ, ଦ୍ୱାଦଶ ତିଳକ;
କଣ୍ଠେ ତୁଳସୀର ମାଳ ।
ଚନ୍ଦନ ଚର୍ଚ୍ଚିତ, ଗୌର ଶ୍ରୀଯୁତ;
ନାଚନ୍ତି ଶ୍ରୀଅଙ୍ଗ ଟାଳି ।୨।
ସବୁଙ୍କର ଉରେ, ମାଳତୀର ମାଳା;
ଶୋଭୁଥାଏ କି ଚନ୍ଦନ ।
ବ୍ରଜଲୀଳା ରସେ, ଉଲ୍ଲାସ ମାନସେ;
ଭଲ କରୁ ଥିଲେ ଗାନ ।୩।
ମଧ୍ୟରେ ନିମାଇଁ, ଭ୍ରୂଭଙ୍ଗିମା ହୋଇ;
ନାଚୁଥିଲେ ଢଳି ଢଳି ।
ସେ ରୂପଦର୍ଶନେ, ପଠନ ମୋ ନେନ;
ବ୍ରଜବାସୀ କହେ ଭଲି ।୪।

Digitized by srujanika@gmail.com

ଦର୍ଶନାନୁରାଗ

୨୨—(ବନ୍ଧୁ ! କ ଅବ ବଲବ ଅମି—ବୃନ୍ଦେ)

ସଖୁ ! ମୂର୍ଚ୍ଛିତ ଅଭାଗୀନାରୀ ।

ଗୌର ତଉ ଗୃଲ—　　　ଦେଖି ନ ପାରିଲି;
ଝିକଏ ନୟନ ଭରି ଗୋ । ଧୃ ।

ମନର ଭଗ୍ରଟେ,　　　ଗଲି ଗଙ୍ଗାତଟେ;
ଦେଖିବାକୁ ସ୍ୱନାଗ୍ରନ୍ଦ ।

ଯେତେଣି ଦେଖିଲି,　　　ଜ୍ଞାନ ହଗ୍ରଇଲି;
(ସେତ) ଭୁବନ ମୋହନ ଫାନ୍ଦ ଗୋ ।୧।

ଅତ ଚମତ୍କାର,　　　ସେ ଶଚୀ ତନୟ;
ଗଢ଼ିଅଛୁ କେଉଁ ବଧି ?

ଦରଶନ କାଳେ,　　　ସ୍ତବଲି ମନରେ;
କରିବ ଅଞ୍ଚଳ ନିଧି ଗୋ ।୨।

ଶୁଣିଥିଲି କାନେ,　　　ଗୋକୁଳ ଭୁବନେ;
ଶ୍ରୀ ନନ୍ଦନନ୍ଦନ କାହ୍ନୁ ।

ନାଗ୍ରୀଙ୍କି ଭୁଲଇ,　　　କୁଞ୍ଜରେ ବୁଲଇ;
ଭୋଗ୍ୟ କରିଥିଲେ ତନୁ ଗୋ ।୩।

ଏବେ ନଦୀଆକୁ,　　　ନାଗ୍ରୀ ମୋହିବାକୁ;
ଆସିଛନ୍ତି କ ଗୋ ସେହୁ ?

ମୋ ଭାଗ୍ୟରେ ଭଲ,　　　କମ୍ପା ନ ଘଟିଲା;
ବଇଷ୍ଣବ ଦାସ କହୁ ଗୋ ।୪।

—o—

Digitized by srujanika@gmail.com

ପୂର୍ବାନୁରାଗ

୨୩—(ସଇ ! କେ ଯନେ ଯୌବନ ହସ୍ତା—ବୃନ୍ଦେ)

ସହି ! ଆଜିକ ଦେଖିଲି ମୁହିଁ ଗୋ ।
ଯା ଦେଖିଛି ସେହି,— ସୁର ଧୁନୀ ତୀରେ;
କୋଟିଏ ମଦନ ଛଇ ଗୋ ।୧।
ସହି ! ପ୍ରେମେ ଟଳ ଟଳ ଆଖି ।
ମୃଦୁ ମୃଦୁ ହାସ, ଅଳପ ବୟସ;
ସେ କଥା ସୁନାର ପକ୍ଷୀ ଗୋ ।୨।
ସହି ! ମଣ୍ଡଳଶ୍ରୀ କଣ୍ଠିଗତ ।
ଆଜାନୁଲମ୍ବିତ ଯୁଗଳ ଶ୍ରୀହସ୍ତ;
ମତ୍ତ ବ୍ୟାଘ୍ର ଜିଣି ସ୍ଥିତ ଗୋ ।୩।
ସହି ! ନର୍ତ୍ତନ ବିଳାସ ରଙ୍ଗ ।
ଦେଖିଲେ ନୟନେ କେ ତଳବରଙ୍ଗ;
ନ ସମ୍ଭାଳିବଟି ଅଙ୍ଗ ଗୋ ।୪।
ସଖି ! ମନେ ଏହି ଅଭିଳାଷ ।
ବନ୍ଦେ ଦୀନହୀନ, ବୈଷ୍ଣବ ଦାସ;
ତା ଦାସୀକି ମୋର ଆଶ ଗୋ ।୫।

—※—

ଶ୍ରୀଗୌରରୂପ ବର୍ଣ୍ଣନ

୨୪—(ଭ୍ରମିତ ନାଗର ରସେର ସାଗର—ବୃନ୍ଦେ)

ଆହା କି ବା ସଖି ! ମଧୁର ମୂରତି;
ନଦୀୟାବିହାରୀ ଗୋରା ଗୋ ।
ନୟନ ସଫଳ— ହୋଇଲା ମୋହର;
ଦେଖି ଶ୍ରୀଗୌରାଙ୍ଗ ଗୋରା ଗୋ ।୧।

Digitized by srujanika@gmail.com

ବଙ୍କିମା ନୟନେ— ଦେଖଇ ଗୃହାଣି;
କିଅବା ମଦନ ଶର ଗୋ ।
କୁଳ କାମିନୀ ଯେ,— ରହି ପାରବନ୍ତି,
ଦଗ୍ଧ ହେବ ସ୍ମର ଶର ଗୋ । ୨ ।
ଆଜାନୁ ଲମ୍ବିତ, ଦୋଳ ପଦ୍ମ ହସ୍ତ;
ଧଶଇ ହେମନ୍ତ ଶୋଭ ଗୋ ।
କମ୍ବୁ କଣ୍ଠଜିଣି, ବାହୁ ଯୁଗ ପୁଣି;
ଅପୂର୍ବ ସୁନ୍ଦର ଯୁବା ଗୋ । ୩ ।
କଷିତ କାଞ୍ଚନ, ଅଦ୍ଭୁତ ବରନ;
ଝଲକଇ ମାଲମଣି ଗୋ ।
ଏହୁତ ବ୍ରଜର, ନବମାଭ ଗୌର;
ବଇଷ୍ଣବ ଦାସ ଭଣି ଗୋ । ୪ ।

—*—

ଅଦ୍ୱୈତବଲୀଳା

୨୫—(ଏକ ଦନେ ନନ୍ଦଗ୍ରାମ କୃଷ୍ଣେ ଜନ୍ମେ ବାମା—ବୃନ୍ଦେ)

ଅଦ୍ୱୈତବ ଗୌରଲୀଳା କେ ବର୍ଣ୍ଣି ପାରବ ।
ଯାର ଅନ୍ତ ନ ପାଇଲେ ଶେଷ ବ୍ରହ୍ମା ଶିବ ହେ ।
ନିତ ନିତ ଗୌରଚନ୍ଦ୍ର ନଦୀୟା ନଗରେ ।
ଭକ୍ତ ସଙ୍ଗେ ବିହରନ୍ତି ଆନନ୍ଦ ଅନ୍ତରେ ହେ । ୨ ।
ସଙ୍କୀର୍ତ୍ତନ ରଙ୍ଗେ ଭୋଳା ଶ୍ରୀ ଶଚୀନନ୍ଦନ ।
ଚଉଦିଗେ ବେଢ଼ିଛନ୍ତି ପାରିଷଦ ଗଣ ହେ । ୩ ।
ଶ୍ରୀବାସ ପ୍ରାଙ୍ଗଣେ ନାମ-ପ୍ରେମ-ମହୋତ୍ସବ ।
ଖୋଳ କରତାଳ ଧ୍ୱନି ଅତି ଅପୂର୍ବ ହେ ।

Digitized by srujanika@gmail.com

ଅସଂଖ୍ୟ ଯେ ନରନାରୀ କରନ୍ତି ଦର୍ଶନ ।
ସୁମଧୁର ନୃତ୍ୟଭଙ୍ଗୀ କେ କରେ ବର୍ଣ୍ଣନ ହେ ॥
ମଣ୍ଡଳୀ ମଧ୍ୟରେ ଗୌର ନଟବର ବେଶେ ।
କରନ୍ତି ଉଦ୍ଦଣ୍ଡ ନୃତ୍ୟ ପ୍ରଫୁଲ୍ଲ ମାନସେ ହେ ।
ତାନମାନ ସହିତରେ ଗାନ ମନୋହର ।
ଦେଖି ନ ଚଳଇ ପାଦ ସେ ଲୀଳା ବିହାର ହେ ॥
ଭାଗ୍ୟବନ୍ତ ପ୍ରାଣୀ ସିନା ସେ ଦେଖିଲେ ତାହା ।
ଜନ୍ମ ଜନ୍ମାନ୍ତରେ ପାପ ହରେ ଲକ୍ଷ୍ମୀ ନାହା ହେ ।
ଧନ୍ୟ ସେହି ସଙ୍କୀର୍ତ୍ତନ ଗୌରାଙ୍ଗ ବିଳାସ ।
ଦେଖି ନ ପାରିଲା ଦୁଃଖୀ ବଇଷ୍ଣବ ଦାସ ହେ ।

ଶ୍ରୀ ଗୌର ବିଳାସ

୨୭—(ନା ସଙ୍ଗିଲ ମାନ ଦେଖି ଚତୁର ନାଗର—ବୃତ୍ତେ)

ନଦୀୟା ବିହାରୀ ଗୌରଚନ୍ଦ୍ର ଭଗବାନ ।
ରସାଣ କୁନ୍ଦନ କାନ୍ତି ଭୁବନ ମୋହନ ହେ । ୦ ।
ପ୍ରତି ଅଙ୍ଗେ ଅବିରତ ପୁଲକ ପୂରିତ ।
ପ୍ରେମ ଭରେ ଢଳ ଢଳ ଅଶ୍ରୁ ବିଗଳିତ ହେ । ୨ ।
ଜପି ଜପାନ୍ତି ଶ୍ରୀନାମ ମଧୁର ମଧୁର ।
ଗାଇ ଗୁଆନ୍ତି ସଙ୍ଗୀତ ନିଜ ଗୁଣସାର ହେ । ୩ ।
ନାଚ ନଚାନ୍ତି ବଧିର ଜଡ଼ କାଲ ଅନ୍ଧ ।
ନିଜେ ଆନନ୍ଦିତ ହୋଇ ବଣ୍ଟନ୍ତି ଆନନ୍ଦ ହେ । ୭ ।
ଅପ୍ରାକୃତ ବ୍ରଜ ପ୍ରେମ ଦିଅନ୍ତି ଯାହାରେ ତାହାରେ ।
ସଭିଙ୍କି ତୋଷନ୍ତି ପ୍ରିୟ-ମଧୁର କଥାରେ ହେ । ୫ ।

Digitized by srujanika@gmail.com

ଜନ ମାନସ ରଞ୍ଜନ ବିପଦ ଭଞ୍ଜନ ।
ପତିତ ଜୀବନ ଧନ ଗରବ ଗଞ୍ଜନ ହେ । ୭ ।
ରସରାଜ ମୂରତି ଶ୍ରୀଲାବଣ୍ୟ ପସରା ।
ଦୁଃଖୀରଙ୍କୀ ଅକିଞ୍ଚନଙ୍କର ଧନ ସରା ହେ । ୭ ।
ଶ୍ରୀ ଅଙ୍ଗସୁଷମା ଗୃହେଁ କେବା ନୁହେ ମୋହି ।
ନବଦ୍ୱୀପେ ଝଲସନ୍ତି ସୁନ୍ଦର ନିମାଇଁ ହେ । ୮ ।
ଏମନ୍ତ ଗୌରାଙ୍ଗ ଶ୍ରୀପଦେ କର ଆଶ ।
କହଇ ଅଧମ ଘୋର ବଇଷ୍ଣବ ଦାସ ହେ । ୯ ।

ଗୌର ନାମ ମାଧୁରୀ

୨୭—(କେତେର କେତେ ବୁଲିଲି ଦେଶେ—ବୃତ୍ତି)
ଗୌରଙ୍କ ନାମଟି, କିବା ସୁରପାଟି;
ଶୁଣିଲେ ପୁଲକେ ପ୍ରାଣ ଗୋ ।
ଗୋରା ଗୋରା ବୋଲି କେ ନ ଯିବ ଭୁଲି;
ସେହି ନାମର ଏ ଗୁଣ ଗୋ । ୧ ।
କେ ବୋଲେ ନିମାଇଁ, କେ ବୋଲେ ଗୌରାଙ୍ଗ,
କେ ବୋଲେ ଚୈତନ୍ୟ ଚନ୍ଦ୍ର ଗୋ ।
ବିଶ୍ୱମ୍ଭର ନାମେ, ଏ ନଦୀୟା ଗ୍ରାମେ;
କେ ଭାବେ ହୋଇ ଅନନ୍ଦ ଗୋ ॥ ୨ ॥
କେ ବୋଲେ ଲଖନ, ଶଚୀର ନନ୍ଦନ;
କେ ବୋଲେ ନଦୀୟା ଚନ୍ଦ ଗୋ ।
ଜଗନ୍ନାଥ ସୁତ,— କେ କରେ ବ୍ୟକତ;
କେ ବୋଲେ ମୋହନ ଫାନ୍ଦ ଗୋ । ୩ ।

Digitized by srujanika@gmail.com

ଏହୁ ମତେ ଲୋକେ, ନାମ ଧରି ଡାକେ;
ନଦୀୟା ନଗରବାସୀ ଗୋ ।
ସେ ଗୌରଚରଣ, କରଣ ସ୍ମରଣ;
କହେ ଦୁଃଖୀ ବ୍ରଜବାସୀ ଗୋ ।୪।

—*—

ଗୌର ଭାବାବେଶ

୨। —(ନରମଲ ଗୋଗ୍ରଥନୁ—ବୃନ୍ଦେ)

ଭାବାବେଶେ ଗୌର ଶଶୀ କି ନୁହନ୍ତି ଉଦାସି,
ପ୍ରକାଶନ୍ତି କେବେ କେଉଁ ରଙ୍ଗ ।
କେବେ ଗ୍ର ଗ୍ର ଗ୍ର ଗ୍ର ବୋଲି ଉର୍ଦ୍ଧ୍ୱେ ବେନି ବାହୁ ତୋଳି
ନାଚନ୍ତି ଯେ ପୁଲକାଇ ଅଙ୍ଗ ।୧।
କେବେ ନୃତ୍ୟସଙ୍ଗେ ଗାନ ଗାଆନ୍ତି ରସେ ଥରଣ;
କାନ୍ଦନ୍ତି ହସନ୍ତି କେତେବେଳେ ।
ରୋମାଞ୍ଚ କଦମ୍ବ ଅଙ୍ଗେ ଭରେ କେଉଁ ଘରସଙ୍ଗେ;
ସେ ସିନା ଜାଣନ୍ତି ଭବ ଭେଦକେ ॥୨॥
ଆଉ କେ ଜାଣି ନ ପାରେ କଛୁ ପ୍ରିୟ ପରି କରେ
ଜାଣନ୍ତି ଆପଣା ଶକ୍ତି ଯେତ ।
କମଳ ନୟନ ଦୁଇ ଝରେ ଜର ଜର ତହିଁ,
ମୁଖେ ଆସେ ଗଦ ଗଦ ବାଣୀ ॥୩॥
କାହିଁ ବୃନ୍ଦାବନ ଧାମ କାହିଁ ବ୍ରଜ ସୁଖ ପ୍ରେମ,
ଏହା ବୋଲି ଲୋଟନ୍ତି ଧରଣୀ ।
ପୁନଶ୍ଚ ଉଠି ହୁଂକାର— ଗରଜନେ ଥରଥର,
ସ୍ତମ୍ଭ ହୋନ୍ତି ଗୌର ଗୁଣମଣି ॥୪॥

Digitized by srujanika@gmail.com

ଏହୁ ମତେ ସ୍ୱଭାବତଃ— ବସ୍ତୁ ପ୍ରିୟା ଜୀବନେଶ,
ଅଷ୍ଟ ସାତ୍ତ୍ୱିକରେ ଜର୍ଜ୍ଜରିତ ।
ସେ ଚରଣେ କରି ଆଶ   କହେ ବଇଷ୍ଣବ ଦାସ,
ସୁଧାସ୍ୱବେ ସେ ପିନା ଏମନ୍ତ ।୫।

—*—

ନିତାଇ ନାଗର

୨୯—(ନଦେର ନଗର ଚତୁର ଚାନ୍ଦ—ବୃନ୍ଦେ)
ନିତାଇ ନାଗର ଅଦ୍ୱାକ ଗୋରା ।
ଗଳାରେ ଦୋଳଇ କୁସୁମ ହାର । ॥୧॥
ସ୍ୱବେ ମତୁଆଲ ରଜନୀ ଦିନ ।
ଅରୁଣ-ନୟନୁ ବହଇ ବନ । ॥୨॥
ନବ ନବ ରସେ ନବୀନ ବେଶ ।
ଭ୍ରମନ୍ତି ନିତାଇ ଗଉଡ଼ ଦେଶ ॥୩॥
ଚାହନ୍ତି ଗଜର ଗଞ୍ଜର ବୋଲି ।
ଅଧରନ୍ଧି ହୋଇ ପଡନ୍ତି ଢଳି ॥୪॥
କେ ଜାଣିବ ତାଙ୍କ ପ୍ରେମ ବିଚାର ।
ସେମନ ବୁଝିବ ଶକତି ଭାର ।॥୫॥
ଏମନ୍ତ ନିତାଇ ଚରଣେ ଆଶ ।
କହେ ଦୀନ ହୀନ ବୈଷ୍ଣବ ଦାସ ॥୬॥

—o—

ନିତାଇ ଚନ୍ଦ

୩୦—(ମରମ କହନ୍ତେ ଧରମ ନା ରୟ—ବୃନ୍ଦେ)
ଉଦୟ ହୋଇଲେ ନିତାଇ ଚନ୍ଦରେ—
ଗୌଡ଼ ଦେଶ ଆକାଶରେ ।
ପାପ ତାପ ଅନ୍ଧକାର ପଳାଇଲା -
ଭକତି ନଦୀ ସ୍ରୋତରେ ।୧॥

Digitized by srujanika@gmail.com

ହରି ନାମ ପ୍ରେମ ଅମୃତର ସିନ୍ଧୁ
ଉଚ୍ଛୁଳାଇ ତରଙ୍ଗରେ
ଖୋଳ କରତାଳେ ଅବନୀ କମ୍ପିଲା—
ଗୌରାଙ୍ଗଚନ୍ଦ୍ର ସ୍ତବରେ ।୨।।
ମଣ୍ଡଳୀ ରଚି ଶ୍ରୀ ଦୟାଳୁ ଗଉର—
ନିତାଇଙ୍କି ସମର୍ପିଲେ ।
ପତିତପାବନ ନିତ୍ୟାନନ୍ଦ ରାମ,
ସଂକୀର୍ତ୍ତନ ପ୍ରଚାରିଲେ ।।୩।।
ଧନ ଜ୍ଞାନ ପାପୀ ପାଷଣ୍ଡୀ ଯେତେକ
ଥିଲେ ନବଦ୍ୱୀପ ମଧ୍ୟେ ।
ସକଳେ ତରିଲେ କେହି ନ ରହିଲେ;
ପ୍ରେମମାରେ ସୁଖ ଶ୍ରଦ୍ଧେ ।।୪।
ଏକଲା ରହିଛି ଏ ବୈଷ୍ଣବ ଦାସ—
ଆପଣା କରମ ଦୋଷେ,
କେମନ୍ତେ ତରିବ ଏ ଭବସାଗର—
ବିନା ନିତାଇ ଆଦେଶେ ।।୫।।

ସୁରଧୁନୀ ତୀରେ ନିତାଇ

୩୧—(ଅନେକ ସାଧେର ପରାନ ବନ୍ଧୁଆ—ଦୁଡେଇ)

ସୁରଧୁନୀ ତୀରେ ହରି ହରି ବୋଲି,
କେ ଯାଏ ପାଗଳ ହୋଇରେ [ସଇ !]
କେ ବୋଲେ ତାହାକୁ ଅବଧୂତ ସନ୍ତ;
କେହୁ ବୋଲଇ ନିତାଇରେ [ସଇ !] ।୧।
କେ ବୋଲେ ଏହୁଟି ପ୍ରେମ ଦାତା ନିତ୍ୟ,
କେ ବୋଲେ ଦୟାଳୁ ଗଉରେ [ସଇ !]

Digitized by srujanika@gmail.com

ସେ ବୋଲେ ଏ ହାଡ଼ୁ ପଣ୍ଡିତ ନନ୍ଦନ
ପଦ୍ମାବତୀଙ୍କ କୁମରରେ [ଭାଇ ।] ।୨।
ପର୍ସ୍ୱଣର ପ୍ରଭୁ ଶ୍ବଏ ଭଦ୍ରେ ତାଙ୍କୁ,
ବେଦ୍ଧ ବୋଲେ ନାଶ ବୁଢ଼ାରେ [ଭାଇ !]
ସେ ବୋ'ଲେ ପ୍ରେମିକ ଠାକୁର ନିତାଇ,
ସ୍ୱକୁଳ ଗୋତ୍ର ଜନ୍ମୁଡାରେ [ଭାଇ ।]
ଭୁବନ ମଙ୍ଗଳ ଭାରତ ସେ ବୋଲେ
ହରି ଲୋଲଅି ଗୋସାଇଁରେ ଭାଇ ।]
ବଇଷ୍ଣବ ଦାସ ଅଧମ ପାମର
ଲୋଡ଼େ ତାଙ୍କ ପଦ ଧୂଳିରେ [ଭାଇ ।] ।୪।

—————

ମଧୁର ମୂରତି ଗୋରା

୩୨—(ସେ ଜନ ନା ଜାନେ ପିରତି ମରମ—ସୁରେ)

ମଧୁର ମୂରତି, ଗୋରା ସୁନା ହାଣ୍ଡି,
ମଧୁର ତାହାର ନାଟ ।
ମଧୁର ମଧୁର, ବଚନ ଗୁମ୍ଫ;
ମଧୁର ମୃଦୁ ଭୂହାଟ ॥୧॥
ମଧୁର ଗ୍ରୀହାଣି, ମଧୁର ଚଳଣି,
ମଧୁର ମଧୁର ଭଙ୍ଗୀ ।
ମଧୁର ଗାୟନ, ମଧୁର ବାଦନ,
ମଧୁର ଠିଆ ତ୍ରିଭଙ୍ଗୀ ॥୨॥
ମଧୁର ମଧୁର ସୁମଧୁର ସ୍ୱର;
ମଧୁର ମଧୁର ହାସ ।
ମଧୁର ଅଧର, ମଧୁର ଭ୍ରୂଭଙ୍ଗ;
ମଧୁର ନେତ୍ର ବିଳାସ ॥୩॥

Digitized by srujanika@gmail.com

ମଧୁର ଦୋହଲ, ମଧୁ ହର ବୋଲ;
ମଧୁର ଅରତ ପ୍ରୀତ ।
ମଧୁର ଚରିତ, ସୁମଧୁର ଗୀତ;
ବୈଷ୍ଣବ ଦାସ ବଦତ ॥୪॥

—o—

ନିତାଇ ସଂକୀର୍ତ୍ତନ ରଙ୍ଗ

ରାଗ—(କାହାରେ କହିବ ମନେର ମରମ—ବୃତ୍ତେ)

ଅନୁପମ ଶିକ୍ଷା, ଅପୂର୍ବ ମାଧୁରୀ;
ନିତାଇଙ୍କ ସଂକୀର୍ତ୍ତନ ।
ଜୟ ଶ୍ରୀ ଗଉର, ଜୟ ବିଶ୍ୱମ୍ଭର;
ବୋଲନ୍ତି ଜୟ ଚୈତନ୍ୟ ହେ ।୧।
ନିତାଇ ଅମ୍ବର, ପତିତଙ୍କ ବନ୍ଧୁ;
ନିତାଇ କରୁଣାସିନ୍ଧୁ ।
ନିତାଇ ଅମ୍ବର, ସ୍ୱର ବିନୋଦିଆ;
ନିତାଇ ହୃଦୟ ଇନ୍ଦୁ ।୨।
ନିତାଇ ପାଶରେ, ସାନ ବଡ଼ ନାହିଁ,
ସକଳେ ତାହାଙ୍କୁ ଏକ ।
ନିତାଇ ନିକଟେ, ଦୁଃଖ ଜଣା କଲେ;
ମିଳଇ ସକଳ ଠେକ ।୩।
ଦୁଃଖୀ ରଙ୍କୀ ଦେଖି, ସେ କମଳ ଆଖି;
ହୋଇଯାଏ ଥନ ଥନ ।
ନିତାଇ ମହିମା, କେ କରିବ ସୀମା, ?
ଯେହୁ ଗୌରଗତ ପ୍ରାଣ ।୪।

Digitized by srujanika@gmail.com

ନିତାଇ କୀର୍ତ୍ତନେ, ପଶିଥିବା ଜନେ;
ସେବେ ମହା ଭାଗ୍ୟବନ୍ତ ।
ନିତାଇ ସୁନ୍ଦର, ପଙ୍କଜ ଚରଣ;
ଏ ବୈଷ୍ଣବ ଦାସ ଭୃତ୍ୟ ।୫।

ଭବ ପୁରନ୍ଦର ନିତାଇ

୩୪—(ସାଧିଲା ଅଦେଶେ ମନେର ହରଷେ—ରୂପକେ)

ନିତାଇ ସୁନ୍ଦର ଭବ ପୁରନ୍ଦର
ଗୌଡ଼ ଦେଶେ ତୁମେ ନିତ୍ୟ ହେ ।
ନିତ୍ୟ ଆନନ୍ଦେ ନିତ୍ୟାନନ୍ଦ ନାମ-
ସକଳ ସ୍ଥାନେ ବିଖ୍ୟାତ ହେ ।୧।
ନିତାଇ କୀର୍ତ୍ତନ ଅତି ସୁପାବନ;
ଚଣା ପ୍ରେମ ରସ ପୂର୍ଣ୍ଣ ହେ ।
ନିତାଇ ମାଧୁରୀ ନିଜଗତ ଭରି;
ହରଇ ନୟନ ମନ ହେ ।୨।
ନିତାଇ ସୁନ୍ଦର ଅପୂର୍ବ ସୁନ୍ଦର;
ଲଗାଇଲେ ନଦୀଆରେ ହେ ।
ଅଭିମାନ ଶୂନ୍ୟ ତାର ଜୀବଗଣେ;
ଯଶ ରଖିଲେ ସଂସାରେ ହେ ।୩।
ନିତାଇ ନିତାଇ ପ୍ରେମର ନିତାଇ;
ଜୟ ଶ୍ରୀ ନିତାଇ ବୋଲ ହେ ।
ସବୁରି ମୁଖରୁ ପ୍ରକଟ ହୋଇଲା;
ଧନ୍ୟବାଦ ଭଲ ଭଲ ହେ ।୪।

Digitized by srujanika@gmail.com

ଏମନ୍ତ କରାଇ, ଶ୍ରୀ ଚରଣ ଦୁଇ;
ପାଇବାରେ କର ଆଶ ଦେ ।
ଶ୍ରୀ ଗୁରୁ ପଦ୍ମର, ଚିନ୍ତ ନିରନ୍ତର;
କହେ ବଇଷ୍ଣବ ଦାସ ହେ ।୫।

—○—

ଗାୟନ—ମାଧୁରୀ

୩୫—(ମନେର ମରମ କଥା ଶୁନ ଲୋ ସଜନୀ—ବୃନ୍ଦେ)

ଆହା କି ଚରିତ୍ର ସଖୀ ! ଗାୟନ ମାଧୁରୀ ।
ସୁମଧୁର କଣ୍ଠେ ଆଳାପନ୍ତି ଗୌରହରି ।୧।
ଅଭିନବ କୀର୍ତ୍ତନ ବିଳାସ ଅନୁପମ ।
ବ୍ରଜର ନିଗୂଢ଼ରସ ଅପ୍ରାକୃତ ପ୍ରେମ ।୨।
ପ୍ରଭୁ କରନ୍ତି ଗୌର ନଦୀୟା ଭୁବନେ ।
ବୁଝନ୍ତି ସେ ରସ ମର୍ମ୍ମ ଅନ୍ତରଙ୍ଗମାନେ ।୩।
କଣେ କଣେ ବିତରନ୍ତି ସୁଧା ମଧୁରିମା ।
ଆନ କେ ଜାଣିବ ପ୍ରେମ କୀର୍ତ୍ତନ ମହିମା ।୪।
ନଦୀୟା ବିହାରୀ ଗୋରା ପାଦପଦ୍ମ ସ୍ମରି ।
କହେ ବଇଷ୍ଣବ ଦାସ ଅଧମ ଭିଖାରୀ ।୫।

—○—

ନଗର ଭ୍ରମଣ

୩୬—(ଚନ୍ଦ୍ରାବଦନୀ ସଖି—ବୃନ୍ଦେ)

ସଙ୍କୀର୍ତ୍ତନ ରଙ୍ଗେ ଗୋରା ।
ନଗର ଭ୍ରମନ୍ତି ଆହା କି ଚୋରା ସଜନୀ ଗୋ ।
ଦେଖି ମନ ପ୍ରାଣ ହେଉ ଭରା ।୦।

Digitized by srujanika@gmail.com

ହରି ଦାସ ଶ୍ରୀ ଗ ସୁତ ।
ମୁକୁନ୍ଦ ବାସୁ ଘୋଷାଦ ଯେତେକ ସଜନୀ ଗୋ ।
ସର୍ବେ ନାମାନନ୍ଦେ ପାନ୍ତି ସୁଖ ।୨।
ବଜାଇ ତାଳ ମୃଦଙ୍ଗ ଉଦ୍ଦଣ୍ଡେ ନାଚନ୍ତି ଭକତ ବର୍ଗ ।
ସଜନି ଗୋ ! ତାହୁଁ ଦେଖା ନ ଥିଲା ଏ ରଙ୍ଗ ।୩।
ବଇଷ୍ଣବ ଦାସ ଭଣେ, ଦାସୀ ହେବ ସତେ ଗୌର ଚରଣେ
ସଜନି ଗୋ ! କୃପା କରିବେ ବୈଷ୍ଣବ ଗଣେ ।୪।

ସଂକୀର୍ତ୍ତନ ରଙ୍ଗ

୩୭—(ଏମନ ପିରୀତି କଭୁ ଦେଖି ନାହିଁ ଶୁନି—ବୃନ୍ଦେ)

ଶଚୀଙ୍କ ନନ୍ଦନ ଗୋରା ନଦୀୟା ନଗରେ ।
ଆରମ୍ଭିଲେ ସଂକୀର୍ତ୍ତନ ଶ୍ରୀବାସ ମନ୍ଦିରେ ଗୋ ।୧।
ଚଉଦିଗେ ବେଷ୍ଟିତ ଯେ ପାରିଷଦ ବୃନ୍ଦ ।
ମଧ୍ୟେ ନାଚନ୍ତି ଆନନ୍ଦେ ଶ୍ରୀନିମାଇଁ ଚନ୍ଦ୍ର ଗୋ ।୨।
ଅହା କିବା ଅପରୂପ ଭକତ ମଣ୍ଡଳୀ ।
ରଙ୍ଗେ ଢଙ୍ଗେ ନର୍ତ୍ତନ କରନ୍ତି ଟଳ ଟଳ ଗୋ ।୩।
କେ ବାଏ ମୃଦଙ୍ଗ କେ ବଜାଏ ଭେରୀ ତୁରୀ ।
କେ ବଜାଏ କରତାଳ ମଙ୍ଗଳ ମଧୁରୀ ଗୋ ।୪।
କେ ବଜାଏ ଶଙ୍ଖ କେହୁ ବାଏ ଶିଙ୍ଗା ବଂଶୀ ।
ନାନା ରାଗ ଉଚ୍ଚାରନ୍ତି ତାନେ ମାନେ ରସି ଗୋ ।୫।
ହୁଳ ବାଦ୍ୟ ତୋଳି ଗୋରା ନର୍ତ୍ତନେ ବହୁତ ।
ଜଗଜ୍ଜନ ମନ ହରେ ସଂକୀର୍ତ୍ତନ ସ୍ଥଳ ଗୋ ॥
ଉଡ଼ଇ ପତାକାଗଣି ପାତକ ନାଶନ ।
ହରିଧ୍ୱନି କଲରବେ ଭରିଲା ଭୁବନ ଗୋ ॥

Digitized by srujanika@gmail.com

ପାଷଣ୍ଡ ଦଳନ ବାନା ଉଡ଼ୁଛି ବେଗାର ।
ଖନାମୂଳେ ହରିନାମ କରନ୍ତି ପ୍ରଚୁର ଗୋ । ୮ ।
ମୋହିତ ସକଳ ଜୀବ ନାସ୍ତିକ ଯବନ ।
ନବଦ୍ୱୀପ ବାସୀଙ୍କର ମୁଖେ ଧନ୍ୟ ଧନ୍ୟ ଗୋ ॥
ଗୌରାଙ୍ଗ ସୁନ୍ଦର ପଦଯୁଗେ ଭକ୍ତି ଆଶ ।
ଶ୍ରୀଗୁରୁ ସୁମତି ଭଣେ ବଇଷ୍ଣବଦାସ ଗୋ । ୧୦ ।

—*—

ଗଙ୍ଗାତୀର ବିହାର

ଗୀତ—(ଦେଖ ସେ ବ୍ରଜରାଜ ସୁତ—ବୃନ୍ଦେ

ଗୌରଚନ୍ଦ୍ର ଗୁଣନିଧି ଗୋ ସଙ୍ଗାତ
ଗୌରଚନ୍ଦ୍ର ଗୁଣନିଧି ।
ନଦୀୟା ନଗରେ ସୁରଧୁନୀ ତଟେ,
ବିହରନ୍ତି ନିରବଧି । ୧ ।
ଶ୍ରୀଅଙ୍ଗ ଯୁଗଳ ନ୍ୟସ୍ତ କରି ପ୍ରିୟ
ପର୍ଷଦର ସ୍କନ୍ଧଦେଶେ
ମନ୍ଥର ଗମନେ କରନ୍ତି ସୁଗତି—
ଅତି ପ୍ରଫୁଲ୍ଲ ମାନସେ । ୨ ।
ହରି ହରି ବୋଲି ଶ୍ରୀଗୌରଚନ୍ଦ୍ରମା,
କରନ୍ତି ଉଦ୍ଦଣ୍ଡ ନୃତ୍ୟ ।
ସେ ରୂପ ଦର୍ଶନେ ନଗ୍ରବାସୀ ଜନେ,
ପ୍ରେମାନନ୍ଦେ ପୁଲକିତ । ୩ ।
ଅପୂର୍ବ୍ବ ମାଧୁରୀ, ଅପୂର୍ବ୍ବ ଶ୍ରୀଭୂଷା;
ଅନୁପମ ଶୋଭାଶିରୀ ।
ଦୁଃଖୀ ବଇଷ୍ଣବ ଦାସ ତା ଦର୍ଶନେ,--
ନାଚେ ହୃଦେ ମୋଦ ଭରି । ୪ ।

—*—

Digitized by srujanika@gmail.com

ନାମ ପ୍ରେମ ବିତରଣ

୩୯—(ଦାଣ୍ଡରେ ଶୁଭିଲା ଗୀତ କୃଷ୍ଣ କେଳିଭଇ—ବୃନ୍ଦେ)

ଆସ ଆସ ଅଗୋ ସାଧୁ ! ଆସ ଗୋ ବାନ୍ଧବ ।
ବିନାମୂଲ୍ୟେ କିଣି ନେବା ନାମ ପ୍ରେମଧନ ଗୋ ।
ଶଚୀର ନନ୍ଦନ ମୋହନ । ନିତ୍ୟ ଅନନ୍ତ ହୋଇ ଅତି ପ୍ରସନ୍ନ ।
ଜାତି ବା ଅଜାତି ପାତ୍ରାପାତ୍ର ନ ଚାହନ୍ତି ।
ଯାହାରେ ତାହାରେ ନାମପ୍ରେମ ନିତ୍ୟ ବିତରନ୍ତି ।
ଦୟାମୟ ଗୌର ହରି । ଏକାବେଳେ ବାଞ୍ଛାପୂର୍ଣ୍ଣ କରନ୍ତି ସବୁରି ॥
ହୀନ ହୀନ ପାମର ପାତକୀ ଦୁରାଚାର ।
ପାଷଣ୍ଡୀ ନାସ୍ତିକ ଭେଦା ନ କରି ବିଚାର ॥
ସମସ୍ତଙ୍କୁ ଏକସମ । ଦେଖନ୍ତି ନଦୀୟା ଚନ୍ଦ୍ର ପୁରୁଷୋତ୍ତମ ।୩।
ଭାଇ ଭାଇ ବୋଲି କୋଳିଆନ୍ତି ସ୍ନେହଭରେ ।
ଆହା କି ସମାଦରଣୀ ସକଳ ଜନରେ ।
ତାଙ୍କ ପାଦପଦ୍ମ ଧ୍ୟାୟି । ଦୁଃଖୀ ବଇଷ୍ଣବ ଦାସ ଅଧମ କହଇ ॥

ଶ୍ରୀ ଗୌର ମହିମା

୪୦—(ସଦାବଲି ତନୁ ତନୁ କତ ତନୁ ଶୁନ—ବୃନ୍ଦେ)

ଅଭୟ ବରଦ ଗୋରା କାଞ୍ଚନ ଜଳଦ ।
ବରଷନ୍ତି ପ୍ରେମରସ ହୋଇ ମୋଦଭର ହେ । ୧ ।
ନିଜଗୁଣେ ବାଦଲ ଭକତ ଚକ୍ରଦଣେ ।
ସୁଗମ୍ଭୀର ନାଦେ ସଙ୍କୀର୍ତ୍ତନ ପରକାଶେ ହେ । ୨ ।
ଦୟା ନଦୀ ଝଂକାର କରୁଣା-ବିଜୁଳି ।
ଅରତି-ପିହିତ ବୃଷ୍ଟି ହେଲା ବଳି ବଳି ହେ । ୩ ।

Digitized by srujanika@gmail.com

ନବରସଙ୍ଗର ନଟ ଙ୍ଗରଙ୍ଗ ଅହରହ ।
ଭଣେ ବଇଷ୍ଣବ ଦାସ ଧନ୍ୟ ଗୌର ବାରବାହ । ୪ ।

—*—

ଗୌର ପ୍ରେମଲୀଳା

୪୧—(ସତେ ମୋତେ ଗୁରୁଙ୍କର ଆଜ୍ଞା ହେବ—ବୃନ୍ଦେ)

ଗୌର ପ୍ରେମଲୀଳା, ଅଦ୍ଭୁତ ଖେଳା;
ଭୁବନେ ବିଦିତ ହେଲା ହେ ।
ହରି ନାମାମୃତ, ଯାଚି ଅବିରତ,
ଗୋରା ସଭିଙ୍କି ପୋଷିଲା ହେ । ୧ ।
କେବା ଜାଣେ କେତେ— ରସେ କେଉଁ ଦିନ;
ମଜ୍ଜାଏ ନଦୀୟା-ବୃନ୍ଦ ହେ ।
ନୃତ୍ୟ ନବ ନବ— ସ୍ୱବେ ଭକ୍ତ ସଙ୍ଗ;
ହେଉଛନ୍ତି ମହାନନ୍ଦ ହେ । ୨ ।
ଖୋଲ କରତାଳେ, ନଗର ଜଟୁଳେ;
ତାନ ମାନ ସୁଯତନ ହେ ।
ନାନାରାଗ ଛଳେ, ଗାନ କୁତୁହଳେ,
ମୁଗ୍ଧ ସଭିଙ୍କର ମନ ହେ । ୩ ।
ବ୍ରଜ-ପ୍ରେମଧନ,— ଅମୂଲ୍ୟ ରତନ;
ଅନର୍ପିତ ଅନ୍ୟ ଯୁଗେ ହେ ।
ଧନ୍ୟ-କଳିକାଳେ, ଗୌର ବିତରିଲେ;
ନାହିଁ ବୈଷ୍ଣବର ଭାଗ୍ୟେ ହେ । ୪ ।

—*—

Digitized by srujanika@gmail.com

ଶ୍ରୀ ଗୌର-ଭାବ-ବିଳାସ

୪୨—(ନବ ଦ୍ୱୀପେ ଚମତ୍କାର ଗୌରାଙ୍ଗ—ବୃନ୍ଦେ)

କେ ବୁଝିବ ଶ୍ରୀଗୌରଙ୍କ ଯେଭାବ ବିଳାସ ।
ଅଚିନ୍ତ୍ୟ ପ୍ରେମ-ଲୀଳା ଯା କଲେ ପ୍ରକାଶ । ୧ ।
ଭାବାବେଶେ ଶ୍ରୀବଦନେ ଭଣି ରାଧା ରାଧା ।
ଗଦାଧରେ ଆଲିଙ୍ଗନ୍ତି କରି ଅତି ଶ୍ରଦ୍ଧା । ୨ ।
ଗଙ୍ଗାଙ୍କୁ ଯମୁନା ଭାବ ନେଇ ଥନ ଥନ ।
ବୃନ୍ଦାବନ ମନେ ପଡ଼େ ଦେଖି ଫୁଲବନ । ୩ ।
ଭାବଭ୍ରମେ ଗୌରଚନ୍ଦ୍ର ତ୍ରିଭଙ୍ଗୀ ହୁଅନ୍ତି
ପୀତବସନ ମୁରଲୀ ଖୋଜ ଯେ ନେଉଛନ୍ତି । ୪ ।
ପ୍ରିୟ ଗଦାଧରଙ୍କୁ କରନ୍ତି ସ୍ନେହେ କୋଳ ।
କାନ୍ଦିଥିଲ କାନ୍ଦିଥିଲ ପୁଚ୍ଛନ୍ତି କେବଳ । ୫ ।
ଭାବବୁଝି ପଣ୍ଡିତ ରହନ୍ତି ବାମ ପାଶେ ।
ସମସ୍ତ ହରନ୍ତି ନାନା ହାସ ପରିହାସେ । ୬ ।
ଗୌରାଙ୍ଗ ପ୍ରେମ ପ୍ରକାଶ ଯେ ଭାବ ବିଳାସ ।
କି ବୁଝିବ ଏ ପାମର ବଇଷ୍ଣବ ଦାସ । ୭ ।

—୦—

ଗୌରାଙ୍ଗ ପ୍ରେମ ମାଧୁରୀ

୪୩—(ନୀଳାଚଳ ପୁରେ ଯାତାୟାତ କରେ—ବୃନ୍ଦେ)

କେ ଜାଣେ ଗୋ ସଖି ! ଶ୍ରୀଗୌରଙ୍କ ପ୍ରେମ-
କେ ଜାଣେ ତାହାଙ୍କ ତତ୍ତ୍ୱ ।
କେବେ ସେ କି ହୁଅନ୍ତି, ସାତ କୁମ୍ଭ ଘୃତ;
କହି ନୁହେ ଏ ଚରିତ୍ର ।
ଦେଖି ଅଚମ୍ଭିତ ଲାଗଇ ମନେ ।
କସର ହୃଦୟ କେବଣ ଧନେ । ୧ ।

Digitized by srujanika@gmail.com

କେଉଁ ସ୍ୱପନତେ, ରହିଣ ତ୍ୱରିତେ;
ବୋଲନ୍ତି ତୁମ୍ଭେକି ସେହୁ ? ।
ଯାହାରେ ଦେଖନ୍ତି, ତାରେ ପଚାରନ୍ତି;
ମନେ ଅଛୁଟିକି ସେହ ! ।
ଏ ବଚନ ଶୁଣି କେ କହେ ତାହୁଁ
ବାତୁଳ ମଣନ୍ତି ଏହୁ ନିମାଇଁ ୨ । ୨ ।

ଯେ ଜାଣେ ସେ ଜାଣେ ଅନ୍ୟ ବା କି ଜାଣେ ଗଉରଚନ୍ଦ୍ରଙ୍କ ଗୀତ,
ବ୍ରଜଭାବ ବିନେ ଆନ ନାହିଁ ମନେ ସଖୀ ସଖା ଭାବ ପ୍ରୀତ ॥
ବାହୁ ତୋଳି ପ୍ରେମେ ଫୁଲି ଫୁଲି ।
ବୋଲନ୍ତି କାହାନ୍ତି ବ୍ରଜ ଗୁଆଳୀ । ୩ ।

କାହିଁ ଅଛ ଆଗୋ ବନୋଦରୀ ଧନୀ ବୋଲଣ କାନ୍ଦନ୍ତି ଗୋରା,
ଦାସ ବଇଷ୍ଣବ ଭାଷେ ମୋର ସର୍ବ ସମ୍ପଦ ସେ ଚଉରେସ ॥
ଗୌରପଦରେଣୁ ଭରସା କରି ।
ରଚଇ ଗୌରାଙ୍ଗ ପ୍ରେମ ମାଧୁରୀ । ୪ ।

—※—

ଗୌରାଙ୍ଗ ଭାବ ବିନୋଦ

୪୪—(ଯତରୂପ ଛନ୍ଦବେଶ ହସତେ ପାଞ୍ଚର ଶେଷ—ବୃତ୍ତେ)

ଶ୍ରୀଗୌରାଙ୍ଗ ନଟବର, ଶୁଦ୍ଧ ହେମ କଳେବର-
ବିହରନ୍ତି ପରମ ଆନନ୍ଦେ ।
ପ୍ରଭୁ ନିତ୍ୟାନନ୍ଦ ସଙ୍ଗେ, ଗଙ୍ଗା ଶ୍ରୀପୁଲିନ ରଙ୍ଗେ
ହରି ହରି ବୋଲି ହସି ମନ୍ଦେ । ୧ ।
ଅପରୂପ ଗୌର କାନ୍ତି, ନବୀନ ଉଜ୍ଜ୍ୱଳ ଜ୍ୟୋତି
ନିମଗନ ପ୍ରେମର ତରଙ୍ଗେ ।
ନବୀନ କୁସୁମ ଦାମ, ଗଳେ ଝୁଲେ ଅନୁପମ;
ହେଳନ ସେ ନରହରି ଅଙ୍ଗେ । ୨ ।

Digitized by srujanika@gmail.com

ପ୍ରିୟତମ ଗଦାଧରେ, ଧରଣ ଶ୍ରୀଦାମ କରେ,
ନିଜଗୁଣ ଗାଆନ୍ତି ସରାଗେ ।
ସ୍ୱବେ ପୂର୍ଣ୍ଣ ହେମ ତନୁ, ପୁଲକ କଦମ୍ବ କେଣୁ;
ଗରଜନ୍ତି ମତ୍ତ ସିଂହ ବାଗେ । ୩ ।
ମୃଦୁହାସେ କ୍ଷଣେ କ୍ଷଣେ, ଅରୁଣ ନୟନ କୋଣେ;
ଚାହାନ୍ତି କେବଣ ଅଭିଳାଷେ ? ।
ସୁମର ସେ ସବୁ ଖେଳା, ବୃନ୍ଦାବନ ରସଲୀଳା,
ଦୁଃଖୀ ବଇଷ୍ଣବ ଦାସ ଘୋଷେ । ୪ ।

—o—

ଗୌରାଙ୍ଗ ମହିମା

୪୫—(ଯୋବନ ମାଧବ ପୟାଣ କରିଲ—ବୃତ୍ତେ)

ଗୌରାଙ୍ଗ ଚନ୍ଦ୍ରଙ୍କ ଅପାର ମହିମା କଏ ଅବା ବୁଝି ପାରେ ।
ଗୌରଭକ୍ତ ଜନେ ଜାଣିବେକ ଆନେ ଗୁରୁ କୃପା ନାହିଁ ଯାରେ ॥
ଗୌରନାମାମୃତ ଯେ ପାନ କରନ୍ତି ସେହିଟି ହୋଇଛି ଧନ୍ୟ ।
ଘୋର କଳିଦର୍ପ ଦଳନେ କେବଳ ନାମ ଶ୍ରୀକୃଷ୍ଣ ଚୈତନ୍ୟ ।୨।
ବୃନ୍ଦାବନ ଧାମ ଅପ୍ରାକୃତ ପ୍ରେମ ଅମୀୟ ଯୁଗଳ ରସ ।
ଆସ୍ୱାଦଇ ଯେବା ତାର ଭାଗ୍ୟ କବା ସେ ସିନା ଜଗତରେ ବଶ ॥
କରୁଣାସିନ୍ଧୁଙ୍କ ଅଭୟ ଲହରୀ ଖେଳେ ଜୀବଙ୍କ ହୃଦରେ ।
ବଇଷ୍ଣବ ଦାସ ସେବା ଅଭିଳାଷ ମାଗୁଅଛି ନିରନ୍ତରେ । ୪ ।

—✻—

ଶ୍ରୀଗୌର ଲୀଳା ମାଧୁରୀ

୪୬—(ଦେଖ ବଲରାମ ଭୁବନ ମାଝେ—ବୃତ୍ତେ)

ଶ୍ରୀଗୌରାଙ୍ଗ ଲୀଳା-ମାଧୁରୀ-ରସ ।
ପାନ କରନ୍ତି ଯେ ହୋଇଣ ବଶ । ୧ ।

Digitized by srujanika@gmail.com

ସେହୁ ସେ ଜାଣେଁ ଗଉର ଗୁଣ ।
ଯୁଗଳ ରୂପର ଯୁଗଳ ଚାନ୍ଦ ।୨।
ଗୌରାଙ୍ଗ ସୁନ୍ଦର ନଦୀୟା ଚାନ୍ଦ ।
କୁଳବତୀ ନାରୀ-ମୋହନ ଫାନ୍ଦ ।୩।
ଗୌରାଙ୍ଗ ବରଣ ଗୌରାଙ୍ଗ ଜାତି ।
ଗୌର ବିନେ ଆଉ କେ ଅଛୁ ସାଥି ? ।୪।
ଶ୍ରୀଗୌରାଙ୍ଗ ବୋଲି କହି ଉଦାସ ।
ଜୀବନ ହରାଇ ବୈଷ୍ଣବ ଦାସ ।୫।

———

ଗୌର ସଂକୀର୍ତ୍ତନ

୪୬—(ଫୁଟିଲ ଅଶୋକନାଗ ରଙ୍ଗଣ ମାଳତୀ—ଭୃଙ୍ଗେ)

ଭଜ ଭଜ ଶ୍ରୀ ଗୌରାଙ୍ଗ ସଙ୍କୀର୍ତ୍ତନ ରଙ୍ଗ ।
ସ୍ୱଭାବେଶେ ମହାପ୍ରଭୁ ହୁଅନ୍ତି ତ୍ରିଭଙ୍ଗ ହେ ।୧।
ଚୌଦିଗେ ଶ୍ରୀହରି ଧ୍ୱନି ଶୁଣି ମନେ ହସି ।
କମ୍ପିତ ଅଧରେ ଗୌର ଗଦଗଦ ଭାଷି ।୨।
ନାଚନ୍ତି ମଧୁରେ ସଙ୍ଗେ ପ୍ରଭୁ ନିତ୍ୟାନନ୍ଦ ।
ଅବନୀ ଭାସିଲା ପ୍ରେମେ ଅହା କି ଆନନ୍ଦ ।୩।
ମୁକୁନ୍ଦମୁରାରୀ ବାସୁ ଘୋଷ ରାମାନନ୍ଦ ।
ସଙ୍କୀର୍ତ୍ତନ ରସେ ଖେଳି ପୁଲକିତ ହୃଦ ।।୪।।
ପରାଣ ପିଇଲା ତୋର ପରମାର୍ଥ ଧନ ।
ଭକ୍ତଙ୍କର ଗୁଣେ ଭବେ ତରନ୍ତି ଜନ ।।୫।।
ପାରିଷଦ ବୃନ୍ଦ ଅତି ହରଷ ଅନ୍ତରେ ।
ବହୁଳୀଭଜନ୍ତି ନାମକୀର୍ତ୍ତନ ଗୀତରେ ।।୬।।
ଶ୍ରୀବାସ ପଣ୍ଡିତ ଗଦାଧର ନରହରି ।
ଭକ୍ତଜନମାନ ସେ ଭଜନ୍ତି ଯେ ହରି ହରି ।୭।

Digitized by srujanika@gmail.com

ପାପଅନ୍ଧକାର ବିନାଶନେ ଗୌରଚନ୍ଦ୍ର ।
ନଦୀୟାଗଗନେ ଉଦେ ଯେନ ଭକ୍ତ ବୃନ୍ଦ । ୮ ।
ଜୟ ଗୌର ସୁଧାନିଧି ବୋଲି ପଡ଼େ ହୁରି ।
ପ୍ରେମାନନ୍ଦେ ଉଚ୍ଛୁଳି ପଡ଼ଇ ବସୁନ୍ଧରୀ । ୯ ।
ସବୁରି ହୃଦ କୁମୁଦ ହେଲା ବିକଶିତ ।
ବାଙ୍କୀ ରହିଗଲା ଦାସ ବୈଷ୍ଣବ ଅର୍ଜିତ । ୧୦ ।

ରୂପାନୁରାଗ

୪୮—(ରାଧାକୃଷ୍ଣ ରସମୟ ମୂର୍ତ୍ତି କଳେବର—ବୃତ୍ତେ)

ଦେଖ ଦେଖ କି ସୁନ୍ଦର ଶ୍ରୀ ଶଚୀନନ୍ଦନ ।
ଆଜାନୁଲମ୍ବିତ ଭୁଜ ବାହୁ ସୁଗଠନ ଗୋ ।୧।
ମଯୂମତ୍ତ ହାତୀଭଳି ଗତି ଯେ ମନ୍ଥର ।
ମାଳତୀର ମାଳା ଗୋରା ବକ୍ଷେ ମନୋହର ଗୋ ।୨।
ଶରଦଚନ୍ଦ୍ରମା ଜିଣି ସୁନ୍ଦର ବଦନ ।
ପ୍ରେମ ଆନନ୍ଦ ସଲିଳ ପୂରିତ ନୟନ ଗୋ ।୩।
ସହଚର ଯେନି ସଙ୍ଗେ ଅନୁକ୍ଷଣ ଖେଳେ ।
ସୁମଧୁର ସ୍ୱରେ ଗୋରା ହରି ହରି ବୋଲେ ଗୋ ।୪।
ଅଭୟ ପଦାରବିନ୍ଦ ମକରନ୍ଦ ଲୋଭେ ।
ଦାସଂବଇଷ୍ଣବ ଶ୍ରୀଗୁରୁଙ୍କ ପଦ ଭାବେ ଗୋ ।୫।

—:*:—

ନାଚୁଆ ଗୌରାଙ୍ଗ

୪୯—(ଏରୂପ ମାଧୁରୀ ମାହାର ମନେ—ବୃତ୍ତେ)

କଳଧୌତ କାନ୍ତି ଗୌରାଙ୍ଗ ନଟ ।
(କଳି) କଳୁଷ ନାଶନ ରୂପ ପ୍ରକଟ ॥୧॥

Digitized by srujanika@gmail.com

କଳା ଷୋଡ଼ଶ ପୂର୍ଣ୍ଣ ଅବତାର ।
କମନୀୟ ବେଶ ଅତି ମଧୁର ॥୨॥
କର ତୋଳି ଊର୍ଦ୍ଧ୍ୱେ ଉଦ୍ଦଣ୍ଡେ ନାଚ ।
କହନ୍ତି ନଅରେ ଶ୍ରୀନାମ ସାଚ ॥୩॥
କହେ ବୈଷ୍ଣବ ଚରଣ ଦାସ ।
କେତ୍ତେନେ ଗୌର ପଦେ ମୋ ଆଶ ॥୪॥

—※—

ଶ୍ରୀ ଗୌର ଭାବ ବିଳାସ

୫୦—(ମଦନମୋହନ ଗୌରାଙ୍ଗ ବଦନ—ବୃତ୍ତେ)

ନାଚେ ନବ ଗୋରା ପ୍ରେମେ ହୋଇ ଭୋରା କ୍ଷଣେ ଡାକିଲେ ହରି
କ୍ଷଣେ ବୃନ୍ଦାବନ କହନ୍ତି ସ୍ମରଣ କ୍ଷଣେ କ୍ଷଣେ ପ୍ରାଣେଶ୍ୱରୀ ॥
ଯାବତ ବରନ କଟିର ବସନ ଶୋଭା ଧରେ ଗୋରା ଦେହେ ।
କେବେ କେବେ ଗୌର ଯମୁନା ବୋଲିଣ ସୁରଧୁନୀ ଜଳରେ ଧାଏଁ
ତା ଥଇ ତା ଥଇ ମୃଦଙ୍ଗ ବାଜଇ ଝଣ ଝଣ କରତାଳ ।
ନୟନ ଅମୃତେ ବହେ ସୁରଧୁନୀ ଗଳେ ଦୋଳେ ବନମାଳ ॥
ଆନନ୍ଦକନ୍ଦ ଗଉରଚନ୍ଦ୍ର ଭକତେ ବଡ଼ ଦୟା ।
କୃଷ୍ଣ ଦାସ କହଇ ଆଶ ସେ ପଦପଙ୍କଜ ଛାୟା ॥୦॥

—○—

ଶ୍ରୀ ଗୌରାଙ୍ଗ-ରୂପ

୫୧—(ନା ସଙ୍ଗିଲ ମାନ ଦେଖି ଚତୁର ନାଗର—ବୃତ୍ତେ)

ମହାପ୍ରଭୁ ବିଶ୍ୱମ୍ଭର ଗୌରାଙ୍ଗ ସୁନ୍ଦର ।
ମଦନମୋହନ ରୂପ ଅତି ମନୋହର ହେ । ୧ ।
ଲଲାଟ ପଟେ ଶୋଭଇ ଚନ୍ଦନ ତିଳକ ।
ସୁନାର ବରଣ ତନୁ ଝଟକେ ଜକ ଜକ ହେ । ୨ ।

Digitized by srujanika@gmail.com

ହିରଣ୍ମୁ ବସନ ପରିଧାନ କଟି ତଟେ ।
ନବାମ୍ବୁଦ ଜିଣି କେଶ ଭର ପୃଷ୍ଠେ ଲୋଟେ ହେ । ୩ ।
କମଳନୟନ ଯୁଗ ପରମ ଚଞ୍ଚଳ ।
ପ୍ରେମନୀର ଝରୁଥାଏ ନୟନ ଢଳ ଢଳ ହେ । ୪ ।
ଶୁଭ୍ର ଯଜ୍ଞ ସୂତ୍ର ଶୋଭେ ଅଙ୍ଗର ଉପର ।
ମଲ୍ଲୀ ମାଳତୀର ମାଳା ବକ୍ଷେ ସରି ସରି ହେ । ୫ ।
ଅଧରେ ତାମ୍ବୁଲ ହାସ ମୃଦୁ ମୃଦୁ ତଥି ।
ବଇଷ୍ଣବ ଦାସର ସେ ଜୀବନର ସାଥି ହେ । ୬ ।

—✱—

ମହାମହୋତ୍ସବ

୫୨—(ଜୟ ଜୟ ମହାପ୍ରଭୁ ଜୟ ଗୌରଚନ୍ଦ୍ର—ବୃଘେ)

ଶ୍ରୀବାସ ଅଙ୍ଗଣେ ଆଜ ମହା ମହୋତ୍ସବ ହେ ।
ପ୍ରେମାନନ୍ଦେ ଭକ୍ତଗଣ ଦ୍ୟନ୍ତି ଜୟ ରବ ହେ । ୧ ।
ଶ୍ରୀ ଗୌରଙ୍କ ଅଭିଷେକ ବିଧାନେ ସକଳେ ହେ ।
ହରି ହରି ବୋଲୁଛନ୍ତି ସ୍ୱରେ କୁତୂହଳେ ହେ । ୨ ।
ପଞ୍ଚଗବ୍ୟ ପଞ୍ଚାମୃତ ଘଟ ଯେ ଅସଂଖ୍ୟ ହେ ।
ସୁବାସିତ ଜଳରେ ମିଶାଇ ଦୁଗ୍ଧ ଯାବ ହେ । ୩ ।
ବାରବୁବାର ଢାଳନ୍ତି ଗୌରହରି ଶିରେ ହେ ।
ସେ ଆନନ୍ଦ ଏକମୁଖେ କେବା କହି ପାରେ ହେ । ୪ ।
ରତ୍ନବେଦୀର ଉପରେ ବସି ଶଚୀ ସୁତ ହେ ।
ମନ୍ଦ ହାସେ ଶୋଭା ପାଉଛନ୍ତି ଅକେବାତ ହେ ।୫ ।
ନଦୀୟା ରମଣୀ ଗଣ ସଙ୍ଗେ ହୋଇ ମେଳ ହେ ।
ଏକସ୍ୱରେ ଆନନ୍ଦେ ଦଅନ୍ତି ହୁଳ ହୁଳି ହେ । ୬ ।
ପ୍ରଭୁ ଶ୍ରୀ ଅଦ୍ୱୈତ ସଙ୍ଗେ ନିତ୍ୟାନନ୍ଦ ରାୟ ହେ ।
ମହାପ୍ରଭୁଙ୍କ ନିକଟେ ଥଚନ୍ତି ବଜାୟ ହେ । ୭ ।

Digitized by srujanika@gmail.com

ସୁମଧୁର ସ୍ୱରେ ଭକ୍ତେ କରନ୍ତି ଗାୟନ ହେ ।
ଜୟ ଶ୍ରୀ ଗୌରାଙ୍ଗ ଜୟ ନଦୀୟା ମୋହନ ହେ । ୮ ।
ମୁକୁନ୍ଦମୁରାର ଦାସ ନୃତ୍ୟକର ହେ ।
ଜୟ ଗୌର ବୋଲି ଗାଜନ୍ତି ମେଦଭରି ହେ । ୯ ।
ସେ ଅଦ୍ଭୁତ ଛବି ଗୌରଚନ୍ଦ୍ର ଅଭିନବ ହେ ।
କହଇ ବୈଷ୍ଣବ ଦାସ ଝରଇ ନେତ୍ରଜ ହେ । ୧୦ ।

———

ପ୍ରେମମୟ

୫୩—(ବ୍ରଜନନ୍ଦନ ନନ୍ଦନ ମଲୟନ—ବୃନ୍ଦେ)

ପ୍ରେମମୟ ଶ୍ରୀ ଗୌରାଙ୍ଗ ଶଚୀସୁତ ।
ଯାର ଲୀଳା ଅକୈତବ ଅପ୍ରାକୃତ । ୧ ।
ଦୀନହୀନ ଅକିଞ୍ଚନେ ଦୟାବାନ ।
କଳି କଳୁଷ ନାଶନେ ଅବତୀର୍ଣ୍ଣ । ୨ ।
ସାଙ୍ଗୋ ପାଙ୍ଗେ ସଙ୍କୀର୍ତ୍ତନ ଲୀଳା କରୁ ।
ପାପୀ ପାଷଣ୍ଡୀମାନଙ୍କୁ ଦେଲେ ଭାର । ୩ ।
ରାଧାଗୋବିନ୍ଦ ମିଳନ ମୂର୍ତ୍ତି ଗୋରା ।
ଦୁଃଖୀ ବୈଷ୍ଣବ ଦାସର ମନ ଚୋରା । ୪ ।

———

ଗୌର ଜାଗରଣ

୫୪—(ସୁବର୍ଣ୍ଣମୀ ତୀରେ ଅଜ ଗୌରାଙ୍ଗ ସୁନ୍ଦର—ବୃନ୍ଦେ)

ଉଠ ହେ ନଦୀୟା ଚନ୍ଦ୍ର ପ୍ରଭୁ ଗୌରହରି ।
ନିଶି ଶେଷ ହେଲଣି ଡାକନ୍ତି ଶୁକସାରୀ । ୧ ।
କାକ କୁକୁଟ ଖଞ୍ଜନ ମୟୁର ମୟୁରୀ ।
କପୋତ ବସନ୍ତ ପିକ ସ୍ୱନ ସୁମାଧୁରୀ । ୨ ।

Digitized by srujanika@gmail.com

ଜାଗିଲେଣି ନଗରେ ସକଳ ନରନାରୀ ।
କୁମୁଦନୀ ପାଶୁ ଛାଡ଼ି ଭୃଙ୍ଗ ଆସେ ଫେରି ।
ଫୁଟି ହସେ ଜଳେ ପଦ୍ମ ଅତି ମୋଦ ଭରି ।
ପୂର୍ବ ଦିଗୁଁ ସୂର୍ଯ୍ୟଦେବ ଉଦେ ଶୋଭା ଧରି । ୪ ।
ପ୍ରିୟ ସହଚର ଦେଖ ଦୁଆରେ ଉଭାରି ।
ତାଙ୍କୁ ଡାକ କରି ଆଉ ବିଲମ୍ବ ନ କରି । ୫ ।
ପ୍ରେମମୟ ମୂରତି ଗୌରାଙ୍ଗ ରୂପ ହେରି ।
କହଇ ନିତାନ୍ତ ଲୀଳା ବୈଷ୍ଣବ ଭିଖାରୀ । ୬ ।

—※—

ଭୋଜନଲୀଳା

୫୫—(ପ୍ରେମେର ଯତନ ଶୁନ ସର୍ବଜନ—ବୃନ୍ଦେ)

ଆନନ୍ଦିତ ମନେ ଗୌରାଙ୍ଗସୁନ୍ଦର,
  ଭୋଜନ କରନ୍ତି ବସି ।
ଭକ୍ତଭୂଷା ଅବଧୂତ ନିତ୍ୟାନନ୍ଦ,
  ଦ୍ୱନ୍ଦର ଲଗନ୍ତି ହସି ହେ । ୧ ।
ଅଦ୍ୱୈତ ସଙ୍ଗରେ କପଟ କଳହରେ;
  ମାତିଛନ୍ତି ଶ୍ରୀ ନିତାଇ ।
ଶଚୀଦେବୀ ଆଣି ଅନ୍ନ ପରସନ୍ତି,
  ବିଷ୍ଣୁପ୍ରିୟା ବସ୍ତ୍ର ନେଇ ହେ । ୨ ।
ବିବିଧ ବ୍ୟଞ୍ଜନ କ୍ଷୀରି ପୁରୀମାନ
  ରନ୍ଧନ ଅତି ଯତନେ ।
ଦଧି ଦୁଗ୍ଧ ଘୃତ ଛେନା ନବନୀତ;
  ଲଡ୍ଡୁ ପୁଳି ଭଲେ ଭଲେ ହେ । ୩ ।

Digitized by srujanika@gmail.com

ଅବଧି ଅଗୁର ଚନ୍ଦଣୀ ସମ୍ଭାର;
ତେ ଅବା ବର୍ଣ୍ଣିବ କେତେ ।
ପ୍ରଭୁଙ୍କ ମହାପ୍ରଭୁଙ୍କ ଲୋକଜନେ ସନ୍ତୋଷ,
ବ୍ରଜବାସୀ ଭଣେ ଗୀତେ ହେ । ୪ ।

—o—

ଗୌରଚନ୍ଦ୍ର

୫୨—(ଅରେ ବାବୁ ଶ୍ୟାମଘନ—ବୃନ୍ଦେ)

ବିଶ୍ୱମ୍ଭର ଗୌରଚନ୍ଦ୍, ନଦୀୟା ଶୈଳ ପାରନ୍ତ୍ର;
ସୁଧା ବଦନ ସୌମ୍ୟ ତନୁ ।
ଭକତ ଗୃହକ ଘନ ଅପୂର୍ବ ନବ ମଦନ;
ମିଶ୍ରପୁରନ୍ଦର ଶଚୀ ସୁନୁ ହେ, ଗୌରଚନ୍ଦ୍ର !
ନଦୀୟା ନଗରୀ ହୃଦ ହାରୀ ।
କଳି କଲୁଷ ନାଶନ ପାପତାପ ହରି ହେ । ୧ ।
ନିଖିଳ ଜଗତ ନାଥ ସଙ୍ଗ ବିଷ୍ଣୁପ୍ରିୟା କାନ୍ତ;
ଗଦାଧର ଚନ୍ଦ୍ର ବନେ ଦଳ ।
ସର୍ବଅବତାର ସାର ସଙ୍କୀର୍ତ୍ତନ ନୃତ୍ୟକାର;
ଅଗତଗତିଦ କୃପାସିନ୍ଧୁ ଶ୍ରୀ ନାୟକ ହେ ଗୌର
ଚନ୍ଦ୍ର ! ରସମୟ ରସିକ ନାଗର ।
ଗୁଣୀଗୁଣଗ୍ରାହୀ ସର୍ବଗୁଣର ସାଗର ହେ । ୨ ।
ମହା ପ୍ରଭୁ ଶ୍ରୀ ଚୈତନ୍ୟ ତୋଷିଦେ, ନିତ୍ୟାନନ୍ଦ;
ଜଗାଇ ମାଧାଇ ତ୍ରାଣ ଦାତା । ଦୀନ ଦରିଦ୍ର ବତ୍ସଳ
ହୃଦୟବନ ମଙ୍ଗଳ ଶରଣରକ୍ଷଣ ନରହାରୀ ହେ
ଗୌରଚନ୍ଦ୍ର । ରାଇ ଭାବୁ ମିଳନ ମୂରତି ।
ପ୍ରେମଭକ୍ତି ପ୍ରଦାତା ଶ୍ରୀ ଜମ୍ମୁନଦ କାନ୍ତି ହେ ।୩।

Digitized by srujanika@gmail.com

ନାମାବଳୀ ଭଣ୍ଡବନ୍ଦୀ କେବଳ ଶ୍ରୀ ସଚ୍ଚିଦାନନ୍ଦ;
ଅଚ୍ୟୁତ ମାଧବ ମୁକୁନ୍ଦ ।
ଲକ୍ଷ୍ମୀପ୍ରିୟା ଚଣ୍ଡମଣି ଜୟ ଭକ୍ତଙ୍କ ଅଗ୍ରଣୀ;
ପ୍ରେମମୟ ଶ୍ରୀ ପରମାନନ୍ଦ କେହ୍, ଗୌରଚନ୍ଦ୍ର ।
ନିତ୍ୟାନନ୍ଦ ଜୀବନର ସଖା ।
ଦୁଃଖୀ ବୈଷ୍ଣବ ଦାସର ମାନ ଧନ ରଖା ହେ । ୪ ।

—୦—

ଉଦ୍ଧାରକର୍ତ୍ତା

୫୭—(ଯାମିନୀ ଜାଗି ଅଲସ ଦିଠି—ବୃନ୍ଦେ)

ନିତାଇ ଗୌର ହେନ ଭ୍ରାତା ସଂସାର ଉଦ୍ଧାର କର୍ତ୍ତା
ଜୟ ଜୟ ନିତାଇ ଶ୍ରୀ ଗୌର ।
ହରି ନାମ ପ୍ରବଳ ତରଣୀ ଅବଲମ୍ବନେ—
ଦୟା ଗୁଣେ କଲେ ଯେ ନିସ୍ତାର । ୧ ।
ବ୍ରହ୍ମା ଶିବ ଶେଷ ଶୁକ ନାରଦ ବ୍ୟାସ
ଅନ୍ତ ନ ପାଅନ୍ତି ଯ ହାଙ୍କର ।
ଏମନ୍ତ ପ୍ରେମ ଧନ ପତିତ ଜନେ ବିତରିଲେ
ଧନ୍ୟ ତ ଙ୍କ କରୁଣା ଅପାର । ୨ ।
ଜଗାଇ ମାଧାଇ ବେନି ପାପୀଙ୍କର ଯେ ଅଗ୍ରଣୀ
ମହା ପାପ ସ୍ୱଭାବ ତାହାଙ୍କର ।
ପଇତ ମାନେ ହୁଇଲେ କେମନ୍ତ କରୁଣା କଲେ
ଅଯେ ମାତ୍ର ଖ ଇ ପ୍ରଭୁ ମୋର । ୩ ।
ଅତୁଳ ମହିମା ମେରୁ ମହା ପ୍ରଭୁ ଜଗଦ୍ ଗୁରୁ
ଶ୍ରୀଚୈତନ୍ୟଚନ୍ଦ୍ର ନିତ୍ୟାନନ୍ଦେ ।
ଚନ୍ଦ୍ରାକର ନିଶୀ ଧନ ଧନ ଧ୍ୟାନ ଅକିଞ୍ଚନ
ବୈଷ୍ଣବ ଦାସ ପାମର ବନ୍ଦେ । ୪ ।

—୦—

Digitized by srujanika@gmail.com

ନିତ୍ୟାନନ୍ଦସ୍ତବାମୃତ

୪୮—(ଜୟ ଜୟ ଗୁରୁ ଗୋସାଇଁ ଶ୍ରୀ ଚରଣ ସାର—ବୃତ୍ତେ)

ଜୟ ଜୟ ଜୟ ପଦ୍ମାବତୀଙ୍କ ନନ୍ଦନ ।
ଜୟ ନିତ୍ୟାନନ୍ଦ-ସର୍ବ ବୈଷ୍ଣବଙ୍କ ଧନ । ୧ ।
ଜୟ ଜୟ ଅକ୍ରୋଧ ପରମାନନ୍ଦ ରାୟ ।
ଶରଣାଗତଙ୍କ ଦୋଷ କ୍ଷମ ମହାଶୟ । ୨ ।
ଭକ୍ତିର ସ୍ୱରୂପ ପ୍ରଭୁ ତୁମ୍ଭ କଳେବର ।
ତୁମ୍ଭଙ୍କୁ ଚିନ୍ତନ୍ତି ମନେ ପାର୍ବତୀ ଶଙ୍କର । ୩ ।
ତୁମ୍ଭର ସେ ଭକ୍ତି ଜଗତ କୁ ତୁମ୍ଭ କର ଦାନ ।
ତୁମ୍ଭ ବିନୁ ଚୈତନ୍ୟଙ୍କ ପ୍ରିୟ ନାହିଁ ଆନ । ୪ ।
ତୁମ୍ଭେଟି ଜଗତ ପିତା ମହା ଯୋଗେଶ୍ୱର ।
ତୁମ୍ଭେ ସେ ଲକ୍ଷ୍ମଣଚନ୍ଦ୍ର ମହା ଧନୁର୍ଦ୍ଧର । ୫ ।
ତୁମ୍ଭେଟି ପାଷଣ୍ଡୀଙ୍କୁ ରହିବ ଅଗୃହୀ ।
ତୁମ୍ଭେ ଏକା ଜାଣ ଗୌରଙ୍କର ସର୍ବ ବାର୍ତ୍ତା । ୬ ।
ତୁମ୍ଭେ ତ କର ହେ ପ୍ରଭୁ ପତିତଙ୍କୁ ତ୍ରାଣ ।
ତୁମ୍ଭେଟି ସଂହାର ମହା ପାଷଣ୍ଡୀ ଦୁର୍ଜ୍ଜନ । ୭ ।
ତୁମ୍ଭେ ତ କର ହେ ସର୍ବ ବୈଷ୍ଣବଙ୍କୁ ରକ୍ଷା ।
ତୁମ୍ଭେଟି ବୈଷ୍ଣବ ଧର୍ମ କରିଅଛ ଶିକ୍ଷା । ୮ ।

ଗୌର ବରହ୍ମଣୀ

୪୯—(ମହା ଅବଧୂତ ବେଶ ପ୍ରଚଣ୍ଡ ଶରୀର—ବୃତ୍ତେ)

ଯେଉଁ ବନଠାରୁ ନଦୀର ଗୁଣ୍ଡିଚେ ଜଗନ୍ନା ।
ତଦବଧି ଅହାର ଗ୍ରନ୍ଥ ଲ କ୍ଷେତ୍ର ପ୍ରିୟା ହେ । ୧ ।

Digitized by srujanika@gmail.com

ଧରା ନଣି ପିଅନ୍ତି ଗୌରାଙ୍ଗ ନାମ ସୁଧା ।
ତେବେ ତାଙ୍କ ଉକ୍ତିରେ ନଶାଇନ୍ତି କ୍ଷୁଧା ॥
ବଦନ ତୋଳି କାହାର ମୁଖ ନ ଦେଖନ୍ତି ।
ଦୁଇ ଏକ ସହଚରୀ ତେବେ ପାଶେ ଥାନ୍ତି ॥
ଏମନ୍ତ ପ୍ରକାରେ ଥାନ୍ତି ପ୍ରଭୁଙ୍କ ଘରଣୀ ।
ଗୌର ବିରହେ ବ୍ୟାକୁଳ ଦିବସ ରଜନୀ ।୩।
ପ୍ରବୋଧନ୍ତି କେହୁ କେହୁ କହୁ ଗୌର କଥା ।
ପ୍ରେମଦାସ ହୃଦୟରେ ରହୁଗଲା ବ୍ୟଥା ହେ ।୪।

ଶଚୀ-ମାତା

୬୦—(ଅନେକ ଦିନେର ପରେ ବନ୍ଧୁଆ—ବୃନ୍ଦେ)

ଆଜର ସ୍ୱପନ କଥା, ଶୁଣ ଟିକେ ମାଲିନୀ ସହୃ।
ମୋ ନିମାଇଁ ଆସିଥିଲା ଘରେ ।
ଅଗଣାରେ ଠିଆ ହୋଇ, ଗୃହ ଅଡ଼େ ଗୃହିଁ ଗୃହିଁ,
ମା ମା ବୋଲି ଡାକିଲା ସେ ମୋତେ ।୧।
ଘରେ ମୁହିଁ ଥିଲି ଶୋଇ; ଏଡ଼ ଅଚେତନେ ସହୃ !
ସଚେତନ ହେଲି ଡାକ ଶୁଣି ।
କପାଟ ଫିଟାଇ ଦେଇ, ଆସିଲି ଚଞ୍ଚଳ ଧାଇଁ;
ନିମାଇଁ ନିମାଇଁ ମୁଖେ ଭଣି ।୨।
ଦେଖି ମୋର ନିମାଇଁକି, ଅଶ୍ରୁରେ ପୂରିଲା ଆଖି;
ଗଦାଧର ଶୀଘ୍ରେ କଲି କୋଳ ।
ମୋହର ଚରଣ ଧୂଳି, ନେଲା ସେତ ଶିରେ ତୋଳି;
ପୁଣି ଧରି କାନ୍ଦିଲି କେବଳ ।୩।

Digitized by srujanika@gmail.com

ଏମନ୍ତ ସମୟେ ମୋର, ଭଙ୍ଗିଗଲା ନିଦ ଘୋର;
ନ ଦେଖିଲି କାହିଁ ତ ଆଉ ।
ବଇଷ୍ଣବ ଦାସ ଭଣେ; ମାତାଙ୍କୁ ପ୍ରବୋଧ ସଣେ;
ଏ ଛାର ଜୀବନ ଛାଡ଼ ଯାଉ ।୮।

ନିତାଇଙ୍କ ଗୌର ସମ୍ବାଦ

୬୧—(ଏଇ ନବଦ୍ୱୀପେ ପ୍ରଭୁ ବଇଠ ଆମାର—ବୃନ୍ଦ)

ନଦୀୟା ନଗରେ ଗଲେ ନିତ୍ୟାନନ୍ଦ ରାୟ ।
ଶଚୀମାଙ୍କ ଚରଣେ ପଡ଼ିଲେ ଦଣ୍ଡପ୍ରାୟ ।୧।
କୋଳ କରି ଶଚୀଦେବୀ କାନ୍ଦନ୍ତି ବାଜନ ।
ନେତ୍ର ନୀରେ ବସନ ତିନ୍ତିଲା ତତକ୍ଷଣି ।୨।
କୋହ ଉଠାଇ କାନ୍ଦନ୍ତି କାତର ହୃଦୟେ ।
ଗୌର କଥା କହୁ ପ୍ରବୋଧନ୍ତି ମହାଶୟେ ।୩।
ବୋଇଲନ୍ତି ନିତାଇ ମାତା ସ୍ଥିର କର ମନ ।
କୁଶଳେ ଅଛନ୍ତି ତୁମ୍ଭ ବାତ୍ସଲ୍ୟର ଧନ ।୪।
ତୁମ୍ଭଙ୍କୁ ଦେଖିବା ପାଇଁ ମୋତେ ପଠାଇଲେ ।
ତୁମ୍ଭ ପଦ ଯୁଗେ କେତେ ପ୍ରଣାମ ସେ କଲେ ।୫।
ଅଧୈର୍ଯ୍ୟ ନ ହୁଅ ମାତା ଧୈର୍ଯ୍ୟଧରି ରହ ।
କେତେ ଯତନେ ଜଣାଇଁଛନ୍ତି ତୁମ୍ଭ ପୁଅ ।୬।
ତୁମ୍ଭ ପ୍ରେମେ ବନ୍ଧାଛନ୍ତି ଶ୍ରୀଗୌରସୁନ୍ଦର ।
ନୀଳାଚଳେ ବାସ ଯହିଁ କାଶୀ ମିଶ୍ର ଘର ।୭।
ତାହାଙ୍କ ଶୁଭବାରତା ଜଣାଇଲି ଆସି ।
ସୁଖେ ରେଗା ସଜନୀ ମୋତେ ମେଲାଣି ଦିଅସି ।୮।

—o—

Digitized by srujanika@gmail.com

ଗମ୍ଭୀର ଦେବତା

୬୨—(ଭଜ ଭକ୍ତ ଭଜ ମନ ରାଧେ କୃଷ୍ଣ—ବୃତ୍ତେ)

ଏହି ତ ଶ୍ରୀ ସୁବିଖ୍ୟାତ ରାଧାକାନ୍ତ ମଠ ।
ଶ୍ରୀ ବକ୍ରେଶ୍ୱର ପଣ୍ଡିତଙ୍କର ସିଦ୍ଧପୀଠ ॥
କାଶୀ ମିଶ୍ର ନିକେତନ କେବେ ଥିଲା ଅଛି କଥା ।
କାହାନ୍ତି ଆମ୍ଭର ସେହି ଗମ୍ଭୀର ଦେବତା ? ।୧।
ଶ୍ରୀ ସ୍ୱରୂପ ଦାମୋଦର ରାମାନନ୍ଦ ସଙ୍ଗେ ।
ମଜ୍ଜିବନ୍ତି ଥାନ୍ତି ଯେହୁ ଶ୍ରୀ ବ୍ରଜ ପ୍ରସଙ୍ଗେ ॥
ଗୋବିନ୍ଦ ଯାହାଙ୍କ ସେବାରତ ଅଛି କଥା ।
କାହାନ୍ତି ଆମ୍ଭର ସେହି ଗମ୍ଭୀର ଦେବତା ? ।୨।
ବଡ଼ଦାଣ୍ଡେ ରଥ ଆଗେ ନୃତ୍ୟ ଭଙ୍ଗୀ ବଶେ ।
ମାତଥାନ୍ତି ହରି ନାମ ସଙ୍କୀର୍ତ୍ତନ ରସେ ॥
(ପ୍ରାଣ) ବନ୍ଧୁ ଆଗମନ ବୃତ୍ତି ହରନ୍ତି ଯେ ବ୍ୟଥା ।
କାହାନ୍ତି ଆମ୍ଭର ସେହି ଗମ୍ଭୀର ଦେବତା ? ।୩।
ରାଧାଭାବେ ଅଷ୍ଟସାତ୍ତ୍ୱିକରେ ପୁଲ ପୁଲ ।
ଆମ୍ଭହରି ହେଉଥାନ୍ତି ସିନ୍ଧୁତୀରେ ବୁଲ ॥
ଯାହାଙ୍କୁ ବୈଷ୍ଣବ ଦାସ ବଳିଅଛି ମଥା ।
କାହାନ୍ତି ଆମ୍ଭର ସେହି ଗମ୍ଭୀର ଦେବତା ? ।୪।

ଶ୍ରୀ ନିତ୍ୟାନନ୍ଦ ମୂର୍ତ୍ତି

୬୩—(ଥକାମନ ଗୁଲଯିବା—ବୃତ୍ତେ)

ବସୁଧା ଜାହ୍ନବା ପତି,   ଶ୍ରୀ ନିତ୍ୟାନନ୍ଦ ମୂରତି;
ଅକ୍ରୋଧ ପରମାନନ୍ଦ ଅବଧୂତ ମହାଯତି । ଘୋଷା ।
ଶ୍ରୀ ହାଡ଼ାଇ ନନ୍ଦନ,   ଅଭିମାନ ଶୂନ୍ୟ ଦେଖି;
ସଦା ଗୌରଗତ ପ୍ରାଣ ଉଦଣ୍ଡ ନାଚୁଥା ହାତୀ ।୧।

Digitized by srujanika@gmail.com

ଦ୍ୱାପରେ ଯେ ବଳରାମ, ତ୍ରେତାରେ ଲକ୍ଷ୍ମଣ ନାମ,
କଳିଯୁଗେ ଶ୍ରୀନିତାଇ ପତିତମାନଙ୍କ ଗତି ।୨।
ଅମଳ ଦେହର ଗୌର, ପରମ ଦୟାଳୁ ବର;
ପତିତପାବନ ଦେବ ବୈଷ୍ଣବଜନ ସମ୍ପତ୍ତି ।୩।
ଜୟ ଶ୍ରୀନିତାଇ ଚାନ୍ଦ, ଭୁବନ ମୋହନ ଫାନ୍ଦ;
ବଳଇ ବୈଷ୍ଣବାନନ୍ଦ ସେ ପଦାବ୍ଜେ ଦେଇ ମତି ।୪।

—○—

ମହିମା-ମେରୁ

୨୪—(ମାଳିନୀ ଗହଇ ସାଜ ଇ ଅଗେ—ବୃତ୍ତେ)
ପ୍ରଭୁ ନିତ୍ୟାନନ୍ଦ ମହିମା ମେରୁ ।
ହସାମିଶା ମୁଖ ଚନ୍ଦ୍ରମା ଗୁରୁ ।୧।
ଆହା କି ସୁନ୍ଦର ନଟନ ଭଙ୍ଗୀ ।
ଗୌରଚନ୍ଦ୍ରଙ୍କ ପରାଣ ସଙ୍ଗୀ ।୨।
ଜାତି ପ୍ରାଣ ଧନ ସଜ୍ଜନଙ୍କର ।
ବସୁଧା ଜାହ୍ନବୀଙ୍କ ଗଳାହାର ।୩।
ନୀଳବସନୀୟା ଫୁଲ ମାଳିଆ ।
ହରି ନାମ ଦିଆ ବରଡାଳିଆ ।୪।
ନିତାଇ ସୁନ୍ଦର ପଦାରବିନ୍ଦେ ।
ଦୁଃଖୀ ବୈଷ୍ଣବ ଦାସିଆ ବନ୍ଦେ ।୫।

———

ନିତାଇ ନର୍ତ୍ତନ

୨୫—(ଗୌରାଙ୍ଗ ଚରଣେ ସଦେ ରତ୍ନେର ହଇୟା—ବୃତ୍ତେ)
ଝଙ୍କାରିଲେ ନିତ୍ୟାନନ୍ଦ ନବୀନ ମାଧୁରୀ ।
ପ୍ରିୟ ପାରିଷଦ ଚକ୍ରପାଶେ ଛନ୍ଦି ଘେରି ।୧।

Digitized by srujanika@gmail.com

ଗୋବିନ୍ଦ ମାଧବ ଘୋଷ କରନ୍ତି ଗାୟନ।
ଶୁଣିଲା ଜନର ଉଲ୍ଲସଇ ମନ ପ୍ରାଣ। ୨।
ପତିତ ପାଷଣ୍ଡୀମାନଙ୍କର ଗଳା ଧରି।
ସକରୁଣ ହୋଇ ସେ କାନ୍ଦନ୍ତି ଥରି ଥରି। ୩।
ଗଦ ଗଦ ବାଣୀ ଗୁଣି ଠାକୁର ନିତାଇ।
ବ୍ରହ୍ମାର ଦୁର୍ଲ୍ଲଭ ଧନ ଦଅନ୍ତି ଡେକାଇ। ୪।
ପ୍ରେମର ପସରା ଧରି ଯାଚନ୍ତି ଆପଣେ।
ଧର ଧର ଘେନ ବୋଲି କହୁ ଜଣେ ଜଣେ। ୫।
ଏମନ୍ତ କରୁଣାମୟ ନିତ୍ୟାନନ୍ଦ ଗୃହେ।
ଅଧମ ପାମର ଦାସ ବଇଷ୍ଣବ କହେ। ୬।

—o—

ଗୌରାଙ୍ଗ ବିରହେ

୬୬—(ନଷ୍ଟେ ସେହୁଦିନ ନନ୍ଦସୁତ ଅଟଇ ମୁହିଁ—ବୃତ୍ତେ)

ଗୌରାଙ୍ଗ ବିରହ ବ୍ୟାଧି, ଭକ୍ତଙ୍କୁ ଘୋଟି।
ଜାଣି ନିତ୍ୟାନନ୍ଦ ପ୍ରଭୁ ଚତୁର ପଟୁ। ୧।
ସକଳ ଭକ୍ତଙ୍କୁ ଏକତ୍ର ସେ ମିଳାଇ।
ଅଦ୍ୱୈତ ଆଚାର୍ଯ୍ୟ ପାଶେ ଗଲେକ ଧାଇଁ। ୨।
ଯୁକ୍ତ କରି ନୀଳାଚଳେ ଯିବା ପାଇଁଲେ।
ସର୍ବ ଶୁଭେ ସେଠାରୁ ବାହାର ହେଲେ। ୩।
ଶ୍ରୀ ନିବାସ ହରିଦାସ ଗୁପ୍ତ ମୁରାରି।
ଶିବାନନ୍ଦ ବାସୁଘୋଷ ସେ ନରହରି। ୪।
ମୁକୁନ୍ଦ ସହିତେ ନିତ୍ୟାନନ୍ଦ ଗମନ।
ପାମର ବୈଷ୍ଣବ ଦାସ କରେ ବନ୍ଦନା। ୫।

—o—

Digitized by srujanika@gmail.com

ଗମ୍ଭୀରାରେ ଶ୍ରୀ ଗୌରାଙ୍ଗ

୬୭—(ଧୀରେ ରାଧା କର ଧନ୍ଦ—ବୃନ୍ଦେ)

ଗମ୍ଭୀରାରେ ଶ୍ରୀଗୌରାଙ୍ଗ ରାଧାଭାବେ ବିହ୍ୱଳ ।
ଧାର ଧାର ନେତ୍ର ଯୁଗ୍ମେଁ ବହେ ପ୍ରେମ ସଲିଳ ॥
ଘୂର୍ଣ୍ଣିତ ଲୋଚନ କରି କ୍ଷଣେ କ୍ଷଣେ ହସନ୍ତି ।
ହୁଁ ହୁଁ କରି କଥା ମୁଖମଧ୍ୟରେ ଭଣନ୍ତି । ୧ ।
କେତେବେ ରହନ୍ତି ମଉନେ ନୟନକୁ ମୁଦଣ ।
ହା କୃଷ୍ଣ ହା କୃଷ୍ଣ ବୋଲି ଅଧୀର ସେ କାନ୍ଦଣ ॥
କେତେବେଳେ ଯୋଡ଼ ହସ୍ତେ ନାଥ ବୋଲି ଡାକନ୍ତି ।
କେବେ ବା ବଅନେ ମୁଖ ଘୋଡ଼ାଇତ ରଖନ୍ତି । ୨ ।
ମୃଦୁ ମୃଦୁ ସ୍ୱରେ ପ୍ରାଣକାନ୍ତ ବୋଲି କାନ୍ଦନ୍ତି ।
ଅଙ୍ଗ ଆଚ୍ଛାଦ ପଡ଼ ସେ ସ୍ଥିର ଯେ ନ ବାନ୍ଧନ୍ତି ।
ସଖୀ ସଖୀ କହି କେବେ କେବେ ମନେ ହସନ୍ତି ।
କାହାକୁ ଉତ୍ତିଳ ପରି ଆଡ଼ ହୋଇ ବସନ୍ତି । ୩ ।
ବିରହେ ବ୍ୟାକୁଳ ହୋଇ ପାଗଳିଆ ଡଜର ।
ମାନଭରେ ବସିଛନ୍ତି ଗବଣ୍ଡେ ମଣ୍ଡି ଶ୍ରୀକର ॥
ଶ୍ରୀସ୍ୱରୂପ ଦାମୋଦର ରାମାନନ୍ଦ ବୁଝାନ୍ତି ।
ବୈଷ୍ଣବ ଦାସର ବଦାର ହୃଏତ ଘାଟ । ୪ ।

—୦—

ଗୌରାଙ୍ଗ ବିରହ

୬୮—(ମନେ ପଡ଼ୁଛି ମାଁ ସେହି ଚନ୍ଦ୍ରମୁଖ—ବୃନ୍ଦେ)

ମନ ଦହୁଛି ମା । ଗୌରାଙ୍ଗ ବିରହ ।
ନୟନରେ ଲୋର ନାଚୁଛନ୍ତି ଅହରହ ॥ ପଦ ॥
ସେହି ନନ୍ଦନ ପ୍ରତିମା, ସେ ଆନନ୍ଦ ସୁଖ ସୀମା;
ପାସୋର ପାରିବ ମୁହିଁ କେଉଁପରି କହ । ୧ ।

Digitized by srujanika@gmail.com

ସେ ସଙ୍କୀର୍ତ୍ତନ ବିନୋଦ, ସେହି ଶ୍ରୀହରି ଶବଦ;
ନ ଶୁଣି ଶ୍ରବଣ ଚହେଁ ଫାଟୁଅଛି ମୋହ । ୨ ।
ଶ୍ରୀବାସ ଅଗଣା ଶୂନ୍ୟ, କରିଗଲେ ଶ୍ରୀ ଚୈତନ୍ୟ;
ଶ୍ମଶାନ ସମାନ ଅଛି ପଣ୍ଡିତଙ୍କ ଗୃହ । ୩ ।
ଜନମାଇ କେତେ ସୁଖ, କେତେ ଲୀଳା କହିବୁକ;
ଏବେ କାହିଁ ରହିଲେଟି ସ୍ୱନା ବାରି ବାହ । ୪ ।
ବଇଷ୍ଣବ ଦାସ କହେ, ଘରେ ତ ମନ ନ ରହେ;
କେବେହେଁ ଉପଶମ ହେବ ଏ ବିରହ ଦାହ ? । ୫ ।

—*—

ପ୍ରେମ-ବନ୍ୟା

୨୯—(ଏ କାଳରେ ଘନ ଘୋଟି—ବୃନ୍ଦେ)

ବହିଗଲା ପ୍ରେମ ବନ୍ୟା ନଦୀଆ ଅବନୀରେ ।
ତରଙ୍ଗେ ତରଙ୍ଗେ ଉଚ୍ଛୁଳିଲା ହରି ଧ୍ୱନିରେ ॥ ଘୋଷା ॥
ଗୌର ପରିକରଗଣ,-ମହାପ୍ରଭୁଙ୍କୁ ବେଢ଼ିଣ;
ଶୋଭା ପାଲେ ଉଡୁମଣ୍ଡ ଚାନମାନ ଘେନିରେ ।୧।
ଜୟ ଗୌରହରି ବୋଲି, କେ ଦିଅନ୍ତି କରତାଳି;
ନାରୀଙ୍କର ହୁଳହୁଳି ଜୟଧ୍ୱନି ଶୁଣିରେ । ୨ ।
ଜମ୍ବୁନଦ ଜଳଧର-ବରଷନ୍ତି ପ୍ରେମନୀର;
ଭକତ ଚାତକ ତୃପ୍ତ ହେଲେ ପୁଣ ପୁଣିରେ । ୩ ।
କହେ ବଇଷ୍ଣବ ଦାସ ଚନ୍ଦ୍ର ସେ ପଦ୍ମ ସାରସ;
ଲଭିବ କି ପ୍ରେମ ରସ ସଙ୍ଗୀତ ବଖାଣିରେ । ୪ ।

———

Digitized by srujanika@gmail.com

ପ୍ରାର୍ଥନା

୨୦—(ମନ ଚୋରିବ; ମଞ୍ଜୀମାଳ ଶ୍ୟାମକୁ ଦେଖ—ବୃଦ୍ଧେ)

ଗୌର ସୁନ୍ଦର ! ପୂର୍ଣ୍ଣ ହେବ ଆଶା କି ମୋର ।
କରୁଣା କଟାକ୍ଷ ପକାଇବ କି ମୋହ ଉପର । ଘୋଷା ।
ମୁଁ ଅତି ଅଧମଜନ . ନ ଜାଣେ ପୂଜା ଭଜନ;
ସହଜେ ଭକତି ହୀନ ନିଜ ଗୁଣେ ଦୟାକର ।୧।
କେତେ କେତେ ମହାପାପୀ, ତାରି ଦେଇଛ ଅଦ୍ୟାପି;
ପତିତପାବନ ବାନା ଜଗତ୍ର ଅଛି ଫର ହର । ୨ ।
କଳିଯୁଗ ତ୍ରାଣକାରୀ, ମୁଁ ତୁମ୍ଭ ଦୁଃଖୀ ଭିକାରି,
ନବଖିଲେ ଗଲି ସରି ଆହେ ଭକ୍ତ ପ୍ରିୟାବର ।୩।
ଭଣେ ବଇଷ୍ଣବଦାସ ନ କର ମୋତେ ନିରାଶ;
ଶ୍ରୀ ବ୍ରଜ ମଣ୍ଡଳେ ବାସ ଦିଅ ବ୍ରାହ୍ମଣ ଠାକୁର । ୪ ।

—※—

ଗୌର ଗମ୍ଭୀର ମାହାତ୍ମ୍ୟ

୨୧—(ଯମୁନାକୂଳରେ ଅଜି ମୁଁ କଦମ୍ବ ଲଭିବ—ବୃଦ୍ଧେ)

ଶ୍ରୀଗୌର ଗମ୍ଭୀର ମାହାତ୍ମ୍ୟ କେବା ବର୍ଣ୍ଣି ପାରିବ ?
ରାଧାଭାବେ ଯହିଁ ଚଞ୍ଚଳ ଥିଲେ ଶ୍ରୀଲକ୍ଷ୍ମୀ ଧବ । ୧ ।
ଶ୍ରୀସ୍ୱରୂପ ଦାମୋଦର ଯେ ରାମାନନ୍ଦଙ୍କ ସଙ୍ଗେ ।
ଶ୍ରୀବ୍ରଜ ରସରେ ଜର୍ଜ୍ଜର ମହାଭାବ କି ରଙ୍ଗେ । ୨ ।
ଜାଣନ୍ତି ଏ ତତ୍ତ୍ୱ ସିନା ହେ ଏକା ଗୌର ଭକତେ ।
ଆନ କାହୁଁ ଅବା ବୁଝିବେ ମୂଢ଼ ପାଷଣ୍ଡ ଯେତେ ।
ଶ୍ରୀଚୈତନ୍ୟ ଚନ୍ଦ୍ର ମହିମା ଦେବତାଙ୍କୁ ଦୁର୍ଲ୍ଲଭ ।
କେବଳ ରସିକ ଭକ୍ତଙ୍କୁ ଅଟେ ଅତି ସୁଲଭ । ୪ ।

Digitized by srujanika@gmail.com

ଶ୍ରୀ ଜଗନ୍ନାଥଙ୍କୁ ଗୃହୁଁ ଯେ ନବଦ୍ୱୀପଚନ୍ଦ୍ରମା ।
ଯାହା ଦେଖୁଥାନ୍ତି ଚନ୍ତି ହେ ବ୍ରଜ ପ୍ରେମ ମହିମା । ୫ ।
ଅନ୍ତରଙ୍ଗମାନେ ଜାଣନ୍ତି ସେହି ରହସ୍ୟ ଏହା ।
ଅନ୍ୟଜନ ତାହା ଦର୍ଶନେ ଦେଖୁଥାନ୍ତି ତାଟକା । ୬ ।
ଧନ୍ୟ ଧନ୍ୟ ଗୌରଚନ୍ଦ୍ର ହେ ତବ ପ୍ରେମବିଳାସ ।
କ ବର୍ଣ୍ଣି ପାରିବ ଅଧମ ହୀନ ବୈଷ୍ଣବ ଦାସ । ୭ ।

—※—

ଆଶା ଭେଳା

୭୨—(ରାଧାକୃଷ୍ଣ ସଙ୍କୀର୍ତ୍ତନରେ—ବୃନ୍ଦେ)

ବାନ୍ଧିଅଛୁ ଆଶା ଭେଳା ।
ପାରି କରିବାରେ ନ କର ହେଳା ହେ ।
ଏବେ ବୁଡ଼ି ଯାଉଅଛୁ ଭେଳା, ଗୌରାଙ୍ଗ ହେ । ୧ ।
ଶ୍ରୀଗୁରୁ ରୂପେ ଆପଣ ।
ଧରିଅଛ ପଶ୍ଚ ନାଉରୀ ପଣ ହେ ।
ତାରିବାରେ ନ ହୁଅ କୃପଣ, ଗୌରାଙ୍ଗ ହେ । ୨ ।
ଦୟାମୟ ଦୀନବନ୍ଧୁ !
ଅପାର ନାଶନ କରୁଣା ସିନ୍ଧୁ ହେ ।
ଚଖାଅ ଶ୍ରୀ ପାଦପଦ୍ମ-ମଧୁ, ଗୌରାଙ୍ଗ ହେ ।୩।
ଅଛି ଅଚେତନ ମୁହିଁ ।
ତୁମ୍ଭ ବିନୁ ଆନ ଜାଣଇ ନାହିଁ ହେ ।
ନିଜ ଗୁଣେ କର ମୋତେ ତ୍ରାହି, ଗୌରାଙ୍ଗ ହେ । ୪ ।
ପୂର୍ଣ୍ଣକର ଅଭିଳାଷ ।
ନିବେଦଇ ଦୁଃଖୀ ବୈଷ୍ଣବ ଦାସ ହେ ।
ଏ ଭକ୍ତଙ୍କୁ ନ କର ନିରାଶ, ଗୌରାଙ୍ଗ ହେ । ୫ ।

—※—

Digitized by srujanika@gmail.com

ପ୍ରେମ ତରଙ୍ଗିଣୀ

୨୩—(ଶୟନେ ଭାଳିଅ ସ୍ୱପନେ ଭାଳିଅ—ବୃନ୍ଦେ)

ଗୌର ନାମ ପ୍ରେମ ତରଙ୍ଗିଣୀ ରସେ ମଜ୍ଜ ଭକ୍ତ ସୁଜନମାନେ ।
କେମନ୍ତ ଆନନ୍ଦ କେମନ୍ତ ସୁଖ ହେ ଅନୁଭବିବ ଆପଣେ ।
କ୍ଷୁଧା ତୃଷ୍ଣା ହେବ ଦୂର, ପିଇ ପ୍ରେମ ସୁଧାସାର । ୧ ।
କି ଗୁର ଅମୃତ ମନେ କଳ୍ପିବନ୍ତ ସେ ତରଙ୍ଗ ରସ ପାନେ ।
ତାପିତ ହୃଦୟ ଶୀତଳ ହୋଇବ ତପତ ନ ଥିବ ଧ୍ୟାନେ ।
ପୁଲକିତ ହେବ ଅଙ୍ଗ । ସର୍ବାନିଷ୍ଟ ହେବ ଭଙ୍ଗ । ୨ ।
ଜୟ ଶ୍ରୀ ଗୌରାଙ୍ଗ ବୋଲି ବୋଲି ବୃନ୍ଦେ ଖେଳ ତରଙ୍ଗିଣୀ କୂଳେ
ସକଳ ଅଶାନ୍ତି ଗୁଡ ପଳାଇବ ପାପ ଦହିବ ସମୂଳେ ।
ବୁଝିବ ସତ୍ୟ କି ମିଥ୍ୟା ନ ରହିବ ହୃଦ ବ୍ୟଥା । ୩ ।
ଗଉର ନିତାଇ ନାମ ଗାଇ ଗାଇ ଆସରେ ବଦନ ଧାଇଁ ।
ଏ ସୁଯୋଗ ଯେବେ ହରାଇ ବସିବ ଖୋଜିଲେ ପାଇବ ନାହିଁ ।
କହେ ବଇଷ୍ଣବ ଦାସ, ମଣ ନାହିଁ ପରିହାସ । ୪ ।

—※—

ମନଃଶିକ୍ଷା

୨୪—(ଶୁନ ଶୁନ ମାଧବ ନା ବୋଲହ ଆର—ବୃନ୍ଦେ)

ଗୌର ନାମ ପ୍ରେମରେ ମଜ୍ଜ ଆରେ ମନ ।
ଗୌର ଗୌର ବୋଲି ସଦା କର ସଙ୍କୀର୍ତ୍ତନ । ୧ ।
ଗୌର ଗୁଣ ହେଜୁ ଥାଅ ଗୁଡ ଅନ୍ୟ କଥା ।
ଗୌର ଭକ୍ତଙ୍କର ପଦେ ଢାଳି ନିଜ ମଥା । ୨ ।
ଗୌର ଲୀଳା ସ୍ମରଣରେ କରନା ତୁ ହେଳା
ଗୌର ଧାମେ ବାସକର ଥାଉଁ ଥାଉଁ ବେଳା । ୩ ।
ଗୌର ରୂପାମୃତ ଧ୍ୟାନ ମଣେ କର ପାନ ।
ଗୌର ଦାସ ହୁଅ କହେ ବଇଷ୍ଣବ ହୀନ । ୪ ।

Digitized by srujanika@gmail.com

ଅମୂଲ୍ୟ ଧନ

୭୫—(ଭ ଭ ଭାଳଧୀ ଗାଠର—ବୃତ୍ତେ)

ଗୌର ନାମ ଅମୂଲ୍ୟ ଧନ । ନିରନ୍ତରେ କର ଅର୍ଜ୍ଜନ । ୧ ।
ଏହୁ ଧନେ ଦୁଅରେ ଧନ କୃତାର୍ଥ ହୋଇବ ଜନମ । ୨ ।
ଚୋରନ୍ତି ଏ ଧନ ପରା ? । ପାପ ତାପ ଅଶାନ୍ତି ହର । ୩ ।
ଦେବଙ୍କ ଦୁର୍ଲ୍ଲଭ ଏ ଧନ । ନରଲୋକରେ ସୁଲଭ ଜାଣ । ୪ ।
ରଙ୍କ ହୋଇ ରଖ ସାଇତ ! ସୁଖେ ଯିବ ଜୀବନ ବିତ । ୫ ।
ଧନାମୂଲ୍ୟେ ହେଜନ୍ତୁ ବଣ୍ଟା ।। ଓଁଚା ଭକ୍ତିପଥରୁ କଣ୍ଟା । ୬ ।
ଦେହଦୁଃଖୀ ବୈଷ୍ଣବ ଦାସ ! ଏହୁ ଧନେ ରଖ ବିଶ୍ୱାସ । ୭ ।

—o—

ହିତ ଉପଦେଶ

୭୬—(କହନ୍ତି ମାଏ ଯେ ଶ୍ରୀ କୃଷ୍ଣ ଆଗେ—ବୃତ୍ତେ)

ହିତ ଉପଦେଶ ପାଳରେ ଭାଇ ! ।
ଆନନ୍ଦେ ଗାଅ ଶ୍ରୀଗୌର ନିତାଇ । ୧ ।
ଘୋର ପାପ ତୋର ଯିବ ପଳାଇ ।
ବୃଙ୍ଗାର କହନ୍ତି ତୋତେ ବଳାଇ । ୨ ।
ଅନ୍ୟ ଅଭିଳାଷ ଅନ୍ତର ହୋଇ !
ପ୍ରେମଜଳେ ପଖା ହୃଦୟ ଧୋଇ । ୩ ।
ଭକ୍ତିଭର ଶ୍ରୀଗୁରୁଙ୍କୁ ମନାଇ ।
କାନ୍ତି ନରୋତ୍ତମ ନାଅ ବନାଇଁ । ୪ ।
ଯୁଗ ମାର୍ଗେ ଯାଅ ଶ୍ରୀବ୍ରଜ ଧାଇଁ ।
ବୈଷ୍ଣବ ଦାସର ସ୍ୱସେବା ପାଇଁ । ୫ ।

———

Digitized by srujanika@gmail.com

ହରିନାମ ପ୍ରେମୋନ୍ମାଦ

୨୨—(ଅଶ୍ରୁ କରସ୍ପର୍ଶ କଦୋ ଶ୍ରୀଗୁରୁଚରନ—ବୃନ୍ଦେ)

ହରିନାମ ପ୍ରେମୋନ୍ମାଦ ହେଲ ଉପସ୍ଥିତ ।
ସବୁରି ନୟନ ଯୁଗ ଲୋତକେ ପୂରିତ ହେ । ୧ ।
ଶ୍ରାବଣେ ବରଷା ଧାରା-ଜଳ ଯଥା ବହେ ।
ଅଶ୍ରୁ ସ୍ୱେଦ କମ୍ପ ପୁଲକ ସମସ୍ତଙ୍କ ଦେହେ ହେ । ୨ ।
ଯେମନ୍ତେ ଝାଉଁମାୟା ଥିଲେ ଝାଉଁନ-ମଣ୍ଡଳେ ।
ସବୁରି ବସନ ତନ୍ତ୍ରେ ସ୍ୱେଦ-ଅଶ୍ରୁ ଜଳେ ହେ । ୩ ।
ଧୂଳିରେ ଧୂସର ଅଙ୍ଗ ମୁକୁଳିତ କେଶ ।
ଭାବ ଭାବ ମୂର୍ଚ୍ଛାଗତ ହୋଇଲ ପ୍ରକାଶ ହେ । ୪ ।
ହସନ୍ତି କାନ୍ଦନ୍ତି ସର୍ବ ଭକ୍ତେ ଗୌର ପ୍ରେମେ ।
ହୁଂକାର ଗର୍ଜ୍ଜନେ ନୃତ୍ୟ କରନ୍ତି ଏ ବାମେ ହେ । ୫ ।
ଦର୍ଶକ ମଣ୍ଡଳୀ ଦେଖି ଅରମ୍ଭନ୍ତି ନୃତ୍ୟ ।
ନଦୀୟାବୃନ୍ଦଙ୍କ ସ୍ୱଭାବ ସର୍ବେ ଜନମତ୍ତ ହେ । ୬ ।
ଅପୂର୍ବ ଗୌରାଙ୍ଗ ଲୀଳା ଅତି ଅକଥନ ।
ଭାବରେ ବହ୍ୱଳ ହେଲ ସମସ୍ତଙ୍କ ମନ ହେ । ୭ ।
ନ ରହିଲ ଦେହ ଜ୍ଞାନ ଅଚେତନ ଭବେ ।
ସଚେତନ ହୋନ୍ତି ପୁଣି ଶ୍ରୀନାମ ମନ୍ତ୍ରରେ ହେ । ୮ ।
ସେହି ସଙ୍କୀର୍ତ୍ତନ ସ୍ଥଳୀ ଧୂଳିକର ଆଣ ।
କହେ ଦୀନ ଅକିଞ୍ଚନ ବଇଷ୍ଣବ ଦାସ ହେ । ୯
କୃତାର୍ଥ ହୋଇଲି ଆଜ ହୋଇଲି କୃତାର୍ଥ
ହରି ନାମ ଶୁଣି ପୂର୍ଣ୍ଣ ହେଲ ମନୋରଥ ହେ । ୧୦ ।

Digitized by srujanika@gmail.com

ଶ୍ରୀଗୌର ଭଜନ

୭୮—(ଭଜ ଗୋବନ୍ଦେ ପରମାନନ୍ଦେ ଭଜ ଗୋବିନ୍ଦେଗ୍ରାମ-ବୃନ୍ଦେ)

ଶ୍ରୀଗୌରାଙ୍ଗ ଜୟ ଗୌରାଙ୍ଗ ଭଜ ଗୌରାଙ୍ଗ ନିମାଇ ।
ଜାହ୍ନବୀ ତଟବାସୀ ଶ୍ରୀନବଦ୍ୱୀପବାଣି ଅଦ୍ଭୁତ ଯାର ମହିମା । ୧ ।
ଯୁଗଳମିଳନ ମଦନମୋହନ ଅର ବୃଷଭାନୁ ଜେମା ।
ଦୁଇତନୁ ଏକବ୍ରହ୍ମାଣ୍ଡ ନାୟକ ଅକଳିତ ଯା ମହିମା । ୨ ।
ଧାତା ଶେଷ ହର ଯାହାର କିଙ୍କର ଯା ପାଦେ ଶଶିନ୍ଦ୍ର ରମା ।
ଏମନ୍ତ ଠାକୁର ପଙ୍କଜ ଚତୁର ଧ୍ୟାନେ ଦେଖାଅ ଗରିମା । ୩ ।
ଜନ୍ମଜନ୍ମାନ୍ତର କଳୁଷ ହରଣେ ମାଗରେ ଗୌରଙ୍କୁ କ୍ଷମା ।
କହେ ଦୀନ ହୀନ ବୈଷ୍ଣବ ଦାସ ପାତକ ନକର ଜମା । ୪ ।

—⁂—

ଗୌର ନାମାବଳୀ

୭୯—(ଗୌରାଙ୍ଗ ଗୁଣେର ସୀମା କହନେ ନା ଯାୟ—ବୃନ୍ଦେ)

ଶ୍ରୀଚୈତନ୍ୟ ନିମାଇ ସୁନ୍ଦର ବିଶ୍ୱମ୍ଭର ।
ଗୌରଚନ୍ଦ୍ର ନଦୀୟା ବିହାରୀ ଶ୍ରୀଗଉର । ୧ ।
ଶ୍ରୀଶଚୀନନ୍ଦନ ଜଗନ୍ନାଥ ମିଶ୍ର ସୁତ ।
ଲକ୍ଷ୍ମୀ ପ୍ରାଣେଶ୍ୱର ବିଷ୍ଣୁ ପ୍ରିୟା ପ୍ରାଣନାଥ । ୨ ।
ଗଦାଧର ବନ୍ଧୁ ନିତ୍ୟାନନ୍ଦ ପ୍ରିୟ ସଖା ।
ପତିତପାବନ ଗୋରା ଭକ୍ତ ମାନ ରଖା । ୩ ।
ଜାହ୍ନବୀ କୂଳିଆ ଫୁଲ ତୁଳସୀମାଳିଆ ।
ଦରିଦ୍ରଙ୍କଧନ ସନ୍ଥଜନ ସଙ୍ଗୀଳିଆ । ୪ ।
ପାପ ତାପ ହରା ପ୍ରେମଭକ୍ତି ପ୍ରଦାୟକ ।
ଦ୍ୱିଜକୁଳ ଚୂଡ଼ାମଣି ବ୍ରହ୍ମାଣ୍ଡ ନାୟକ । ୫ ।

Digitized by srujanika@gmail.com

ଜୀବ ଉଦ୍ଧାରକ କଳିମଳ ବିନାଶନ ।
ବୈଷ୍ଣବ ଦାସର ଗତିଦାତା ଭଗବାନ । ୨ ।

—❀—

ଅଭିଷ୍ଟ ଲାଳସା

୮୦—(ଯତେ ମୋତେ ଗୁରୁଙ୍କର ଆଜ୍ଞାହେବ—ବୃନ୍ଦେ)

ନୀଳାଚଳ ଧାମେ ଶ୍ରୀଗୌର ଗମ୍ଭୀର—
ଯତେକ ଦର୍ଶନ କରିବ ?
ଭବ ମହାସୁଖ ଚରଣନ ଦୁଃଖ
ନିମିଷ ମାତ୍ରକେ ହରିବ । ୧ ।
ରହିବାକୁ ତହିଁ ବୈଷ୍ଣବ ଗୋସାଇଁ—
ମାନଙ୍କର ପାଦ ଧରିବ ।
ହୋଇବାକୁ ସାହା ବକ୍ରେଶ୍ୱର ମହା—
ମହାନ୍ତଙ୍କୁ ଅନୁ ସରିବ । ୨ ।
ଶ୍ରୀରାଧାକାନ୍ତଙ୍କ ପ୍ରସାଦକୁ ରଙ୍କ—
ହୋଇ ମୋ ତୁଣ୍ଡରେ ଭରିବ ।
ସାଧୁସଙ୍ଗ ପାଇ ଦୁହାଇ ଦୁହାଇ;
ସାତ୍ତ୍ୱିକ ଭାବରେ ଥରିବ । ୩ ।
କାହାନ୍ତ କାହାନ୍ତ ବୋଲି ସୁନାହାଟ;
ପାଗଳା ପଣ ଅଚରିବ ।
ଭଣେ ବୈଷ୍ଣବ ଦାସ ଇଷ୍ଟଦେବ—
ଶ୍ରୀଗୁରୁ ନାମ ସ୍ମରିବ । ୪ ।

—✝—

Digitized by srujanika@gmail.com

ମଧୁର ମୂରତି ଗୋରା

୮୧—(ହରଷେ ହରି ନାମକୁ ମନ ଭରତେ ବସି ଗା—ବୃଦ୍ଧେ)
ନଦୀୟା ଗୃହ ପରମାନନ୍ଦ ଶଚୀ ନୟନା ତାରା ଗୋ ।
ଶଚୀପୁତ୍ର ସୁନାବରନୀ ଦୁଃଖୀମାନଙ୍କ ଦୁଃଖ ପାସୋରା ଗୋ ॥
ଲକ୍ଷ୍ମୀପ୍ରିୟାଙ୍କ ହୃଦରତ୍ନ ମଣି ଵିଷ୍ଣୁପ୍ରିୟା ଗଳାହାର ଗୋ ।
ନଦୀୟା ନାଗରୀମାନଙ୍କର ଶିରୀ ପ୍ରେମ ଅନନ୍ଦ ଦେଖା ଗୋ । ୧ ।
ଭକତମାନଙ୍କ ଭଜନମାଳିଅ ଜଗତ ପାଗଳ କରା ଗୋ ।,
ପଙ୍କଜ ନୟନ ରଙ୍ଗରତ୍ନ ଧନ ଶୋକ ତାପ ପାପ ହରା ଗୋ । ୨ ।
ପଣ୍ଡିତମାନଙ୍କ ଗଣ୍ଡଦ ବାନ୍ଧବ ସନ୍ନ୍ୟାସୀ ଧୃତ ସରା ଗୋ ।
ଅରକ୍ଷରକ୍ଷଣ ସର୍ବ ସୁଲକ୍ଷଣମନ୍ତ ରସରାଜ ଧାରା ଗୋ । ୩ ।
ମନମଥ ମନମନ୍ଥନ ତାରକ ଅଧ୍ୟନ ଗୃହୁ ତୋରା ଗୋ ।
ବୈଷ୍ଣବ ଦାସର ଗଣ୍ଡି ସଙ୍ଗାଳିଅ ମଧୁର ମୂରତି ଗୋରା ଗୋ ।୪ ।

—†—

କନକ-ହାରୀ

୮୨—(ଧନେ ଧନେ ଚତୁରା ପ୍ରେମେ ହୋଇ ଅତୁରା—ବୃଦ୍ଧେ)

ଗୋରା କନକହାରୀ । ମୋର ଜୀବନ ସାଥି ।
ପାସୋର ନ ଯାନ୍ତୁ ମନୁ ଦିବସ ରାତି । ୧ ।
ଗୋରା ଗଉରେ ମାତି । ହରାଇଛି ମୁଁ ଜାତି ।
ଲାଜ ଭୟ ଘୃଣା ସବୁ ଦେଲି ନସାତି । ୨ ।
ଗୋରା ପ୍ରେମକୁ ଚିନ୍ତି, ଭଲ ଏ ଭିଟ୍ଟୁ ବୃତ୍ତି;
ଲଭାଇଛି ହୃଦୟରୁ ବିତାପ ତାତି । ୩ ।
ଗୋରା ନାମରେ ମାତି, ବାତୁଳିଅ ମୋ ମତି;
କହେ ବୈଷ୍ଣବ ଦାସ ଗୋରା ମୋ ଗତି । ୪ ।

—†—

Digitized by srujanika@gmail.com

ଗୌରବକ୍ଷୁ ପ୍ରିୟା

୮୩—(ଭଲ ଅବତାର ରେ ଗୌରାଙ୍ଗ ଅବତାର—କୃଷ୍ଣେ)

ବକ୍ଷୁ ପ୍ରିୟାଙ୍କର ହସ୍ତଧରି ଗୌରଶଶି ।
ଭୁମନ୍ତି ପୁଷ୍ପ ଉଦ୍ୟାନେ ମନ୍ଦେ ହସି ହସି ହେ ।୧।
ବୋଲନ୍ତି ମଧୁରସ୍ୱରେ ଅଗୋ ପ୍ରାଣେଶ୍ୱରି ।।
କହିବ ଗୋଟିଏ କଥା ଆଗରେ ସୁନ୍ଦରି ଗୋ ।୨।
ଶୁଣି ମନ ଉଣା ନ କରିବ ଗୋ ସୁନ୍ଦରୀଲେ ।
ନେବି ମୁଁ ସନ୍ନ୍ୟାସ ବ୍ରତ କହୁଛନ୍ତି ଗଲେ ଗୋ ।୩।
ମନେ ରଖିଥାଅ ଅଟୁ ଅଟଗ ସ୍ନେହ ଯେନା ।
ବରଜିବ ଏ ସକଳ ବିଳାସ ବାସନା ଗୋ ।୪।
ଛାଡି ଏ ନଦୀୟା ପୁରୀ ଯିବି ଦେଶାନ୍ତରେ ।
ହରେ କୃଷ୍ଣ ନାମ ପ୍ରଚାରିବାର ଅର୍ଥରେ ଗୋ ।୫।
ଦେଖ ଘୋର କଳିକାଳ ପାପେ ମଗ୍ନ ସର୍ବେ ।
ପୁଣ୍ୟପଥେ ଅଗ୍ରସର ନୁହନ୍ତି କେ ଲବେ ଗୋ ।୬।
ଏଣୁ କରି ଉକ୍ତ ବେଶ ଅଟେ ଆଚରିବ ।
ଉତ୍ତମ ସାଧୁଙ୍କ ପାଶେ ସନ୍ନ୍ୟାସ କରିବ ଗୋ ।୭।
ଦେଶହିତ ପାଇଁ ପ୍ରିୟା ମୋର ଏ ଉଦ୍ଗୁର ।
ସର୍ବତ୍ର ଶ୍ରୀକୃଷ୍ଣ ନାମ କରିବ ପ୍ରଚାର ଗୋ ।୮।
ପାପୁଁ ନିସ୍ତରିବେ ପାପୀ ତାପୀଏ ଯେସନେ ।
ଛାଡିବ ନନ୍ଦୁଜ ଯେହ୍ନେ ମଜ୍ଜି ହେବେ ନାମେ ଗୋ ।୯।
ଏମନ୍ତ ପାପ ଦର୍ଦ୍ଦନ ନିଶାଣ ଟେକାଇ ।
ପାଷଣ୍ଡ ଦଳନ ବାନା ଧରିବଇଁ ମୁହିଁ ଗୋ ।୧୦।
ତୁମ୍ଭେତ ସୁଜାଣବତୀ କ କହିବ ବେଶି ? ।
ଦୁଃଖ ନ କରିବ ମୋର ପରାଣ ପ୍ରେୟସୀ ଗୋ ।୧୧।

Digitized by srujanika@gmail.com

ମହାପ୍ରଭୁଙ୍କ ଚରଣେ ଇଷ୍ଟ ପ୍ରିୟା ସତ୍ୟ ।
ଜାତରେ ପ୍ରମତ୍ତ ଦାସ ବୈଷ୍ଣବ ବଦତ ହେ । ୧୨ ।

———

ନିତାଇଙ୍କ ନୀଳାଦ୍ରିଯାତ୍ରା

୮୪—(ମଙ୍ଗଳ ଆରତି ଜୟ ଯୁଗଳ କିଶୋର—ବୃନ୍ଦେ)

ଅବଧୂତ ନିତ୍ୟାନନ୍ଦ ନୀଳାଚଳ ପଥେ ।
ହା ଗୌରାଙ୍ଗ ବୋଲି ଯାତ୍ରା କରନ୍ତି ଉଲ୍ଲାସେ ହେ ।୧।
ଗତି କରୁ କରୁ ହେଉଛନ୍ତି ଅସ୍ଥିର ।
ନୟନ ଯୁଗଳୁ ଝରେ ପ୍ରେମ ଅଶ୍ରୁଧାର ହେ । ୨ ।
କାନ୍ଦି କାନ୍ଦି ଅଟନ୍ତି ଆକୁଳ ଅନ୍ତରେ ।
ଢଳିପଡନ୍ତି ନିତାଇ ଅବନୀ ଉପରେ ହେ । ୩ ।
ଉଠି ହୁଙ୍କାର ଗର୍ଜନେ ପୁଣି ଯାନ୍ତି ଧାଇଁ ।
ଦେଖିଲେ ଜନେ କହନ୍ତି ପାଗଳା କି ଏହୁ ହେ । ୪ ।
ସେ ପାଗଳା ନିତ୍ୟାନନ୍ଦ ପଦ କରି ଚିନ୍ତା ।
ଦୁଃଖୀ ବୈଷ୍ଣବ ଦାସ ଲେଖେ ଏ କବିତା ହେ । ୫ ।

———

ଅନୁତାପ

୮୫—(ନୂଆ ନବୀନ କିଶୋରୀ—ବୃନ୍ଦେ)

ମୋ କରମ ଏତେ ବାମ ।
ଭଜି ନ ପାରିଲି ଦଣ୍ଡେ ନାମ ହେ । ଘୋଷା ।
ହେ ଭକ୍ତ ବତ୍ସଳ ଶ୍ରୀ ହରି ଦୟାଳ ପ୍ରେମାନନ୍ଦ ସୁଖଧାମ ।
ଅମ୍ବର ଅଧର ଚକ୍ର ନଟବର ନବୀନ ଜଳଦ ଶ୍ୟାମ ହେ । ୧ ।
କୋଟିବ୍ରହ୍ମାଣ୍ଡର ପ୍ରାଣିଙ୍କ ଠାକୁର ମହାପୁରୁଷ ଉତ୍ତମ ।
ହରିଆନାଗର ଦୟାରସାଗର ସୁମାଧୁରୀ ଅନୁପମ ହେ । ୨ ।

Digitized by srujanika@gmail.com

ଚଞ୍ଚଳାଙ୍ଗ ଗୌର ପୀତବାସ ହରି ସୁନ୍ଦର ନବ ମଦନ ।
ନବଦ୍ୱୀପ ଚନ୍ଦ ବିଶ୍ୱମ୍ଭର ଶଚୀ ମୋଦସମ୍ପଦ ବର୍ଦ୍ଧନ ହେ ।୨।
ଦରିଦ୍ର କଙ୍ଗାଳ ପ୍ରଭୁ ବନମାଳୀ ପତିତ ହୃଦଚନ୍ଦନ ।
ପାତକନାଶନ ଗୈରିକବସନ ହରବ୍ରହ୍ମାଦି ବନ୍ଦନ ହେ ।୩।
ଶରଣରକ୍ଷଣ ରଙ୍ଗସୁଲକ୍ଷଣବନ୍ତ କମଳନୟନ ।
କଳିଦର୍ପଦଳା ଭକ୍ତବୃନ୍ଦପାଳକ ଦୀନବନ୍ଧୁ ଜନାର୍ଦ୍ଦନ ହେ ।୪।
ଜାହ୍ନବୀକୂଳେ ତୁଳସୀପାଳେ ମୁନିମାନସ ରଞ୍ଜନ ।
ବୈଷ୍ଣବ ଦାସ ତବ ଅନୁଦାସ ପଦ୍ମପାଦେ ଧରେ ଧନ ହେ ।୫।

—※—

ଅନ୍ୱେଷଣ

୮୨—(ଜେ ଜେ ବୃଷଭାନୁ ନନ୍ଦିନୀ ଜେଜେ ନନ୍ଦଲାଲ—ବୃନ୍ଦେ)

କାହିଁ ଗଲେ ନବଦ୍ୱୀପଚନ୍ଦ୍ରମା ନିମାଇ କନକକାନ୍ତି ।
କିଏ କହିଦେବ ତାହାଙ୍କ ବାରତା ଶୀତଳ ହୋଇବ ଛାତି । ଘୋଷା ।
ଝୁରିଝୁରି କରି ହୃଦ ହୁଏ ପୋଡ଼ି ଅସରନ୍ତ ଦିନରାତି ।
ଲବଣୀ ପ୍ରତିମା ମୋର ସୁଖସୀମା ଏକାନ୍ତ ଜୀବନ ସାଥି ।୧।
ନ ଦେଖି ପ୍ରଭୁଙ୍କ ପ୍ରସନ୍ନ ଶ୍ରୀମୁଖ ବହୁଛି ମରମ ଫାଟି ।
ଦୟାମୟ ହୋଇ ନିର୍ଦ୍ଦୟ ହୋଇଲେ କାହା କଥାଟିରେ ମାତି ।୨।
ଯେଉଁ ପାଦପଦ୍ମେ ଲାଗିଛି ଏ ମୋର ଗୁମାନ ଗାରିମା ଜାତି ।
ସେ ପୁଣି ଅନ୍ତର କରି ଯା ରହିଲେ ଲଭିଲେ କେଉଁ ସୁଖ୍ୟାତି ।୩।
ହେ ନଗରବାସୀ ସାହାହୁଅ ଆସି ପାଉଛି ମୁଁ ଦୁଃଖ ଶାସ୍ତି
କେଉଁଠାରେଛନ୍ତି ଶ୍ରୀ ଗୌରମୂରତି କହି ଦିଅ ହେବ ଶାନ୍ତି ।୪।
ସଭିଙ୍କି ଦଇନ କରୁଛି ଦୁଃଖିନୀ ବସନ ଅଞ୍ଚଳ ପାତି ।
ବୈଷ୍ଣବ ଦାସ ନ ହେଉ ନିରାଶ ପାଉ ଗୌରସୁନା ସାଥି ।୫।

—※—

Digitized by srujanika@gmail.com

ଆଶା ଭରସା

୮୭—(ସତେ ମୋତେ ଗୁରୁଙ୍କର ଅଜ୍ଞା ହେବ କୃଷ୍ଣ କଥାରେ-ବୃନ୍ଦେ)

ପତିତପାବନ ଗୌର ଶ୍ରୀଚରଣ ଏତିକ ଆଶାଭରସା ।
ଗତ ଦେହେ ସତେ ଅନୁଗ୍ରହ ହୃଷିବ ମୋହର ଦୁର୍ଦ୍ଦଶା ହେ ।୧।
ଲଭିବ ତାଙ୍କ ଶ୍ରୀ ବୈଷ୍ଣବଗଣ ମେଣ୍ଟାଇବେ ଚିରକାଳ ତୃଷା ।
ସର୍ବବସ୍ତୁ ପ୍ରିୟା ପତିଙ୍କ କଙ୍କର ହୋଇବି ଭେବେ ସହସା ହେ ।୨।
ନିତ୍ୟକର ସାଧୁମାନଙ୍କୁ ମାଗିବି ବ୍ରଜଧାମେ ଖଣ୍ଡିଏ ବସା ।
ଛଡ଼ିଧରି ଦେବା ପାଇଁ ଶ୍ରୀଗୁରୁମୁଖେ ଜଣାଇବି ଉଦ୍ଧବ ଦଶା ହେ ।୩।
ଜୀବ ଶିରୋମଣି ସ୍ୱରୂପ ଅଗ୍ରଣୀ ହରିବେ ମୋର କ୍ଷୁଧାତୃଷା ।
ମରଣରେ ଜନ୍ମରେ ବୈଷ୍ଣବଦାସ ନ ହୋଇବି ଯେତେକାଳ ଶ୍ୱାସ ହେ ।୪।

ନୀଳାଚଳ ପଥେ ନିତାଇ ଛନ୍ଦ

୮୮—(ଅଗୋ ଚନ୍ଦ୍ରାବଳୀ କସମନେ ସ୍ୱର—ବୃନ୍ଦେ)

ନୀଳାଚଳ ପଥେ ନିତାଇଚାନ୍ଦମୋ ହରି ହରି ବୋଲି ତୁଣ୍ଡେ ।
ବେଣୀ ନୟନଙ୍କ ପ୍ରେମାଶ୍ରୁ ବୁହାଇ ଧାଆନ୍ତି ଅତି ଉଦଣ୍ଡେ ।
ହା ଗୌରାଙ୍ଗ ବୋଲି ଗମନ୍ତେ ପଥେ ପଡ଼ନ୍ତି ତଳ ॥ ୧ ॥
ଆକୁଳରେ ଜନ ବାନ୍ଧ ଧୈର୍ଯ୍ୟ ବାନ୍ଧ ପଚାରନ୍ତି ଯାହେ ତାହେ ।
ହେ ପଥିକ ଭାଇ ଦେଖିଛ କି କାହିଁ ଜଣେ ସନ୍ନ୍ୟାସୀ ଯିବାରେ ॥
ଭଲେ ଧରଅ ବାହୁ । ତାହାଙ୍କ ଠିକଣା ପାଉ ନାହିଁ ॥ ୨ ॥
ଏହା ଶୁଣି ଲୋକେ କହନ୍ତି ସେ ଥୋକେ ଆଗେ ଯାଉଛନ୍ତି ପରା ?
କନକ ଗଉର ସେ ସନ୍ନ୍ୟାସୀବର ଦଣ୍ଡକମଣ୍ଡଳୁ ଧରା ॥
ଆମ୍ଭେ ଅଛୁଁ ଦେଖି । ତୁମ୍ଭର ପର ପାଗଳ ସେ କି ? ॥୩॥

Digitized by srujanika@gmail.com

ତହୁଁ ନିତ୍ୟାନନ୍ଦ ବୋଲନ୍ତି ପଥର କଥା କହିଲ ଯା ଭାଇ ! ।
ମୋ ନାମ ନିତାଇ ତା ନାମ ନିମାଇଁ ଅମ୍ଭେ ଦେ ପାଗଳା ଦୁଇ ॥
ହୋଇବୁ କି ଭେଟ ? । ନୀଳାଚଳ ଅଛି କେତେ ବାଟ ? ॥ ୪ ॥
ବୋଲନ୍ତି ପଥିକେ କହୁଅଛୁଁ ଠିକେ ଦୟାନଦୀ ହେଲେ ପାର ॥
ଅଢ଼ାଇ କୋଶକି ପଡ଼ିବ ଶ୍ରୀକ୍ଷେତ୍ର ଜାଣ ପାଗଳାଠାକୁର ॥
ନୀଳଚକ୍ର ବାନା । ଦିଶୁଅଛି କିଛି ଦୂରେ ଅନା ॥ ୫ ॥
ସେ ବଚନ ଶୁଣି ଶ୍ରୀ ନିତାଇ ପୁଣି ପୁଚ୍ଛନ୍ତି ମଧୁର ସ୍ୱରେ ।
ସରଳ ପଥ କେ କହିଦିଅ ଠିକେ ଯିବାକୁ ଶ୍ରୀ କ୍ଷେତ୍ର ବରେ ॥
ହେ ପଥିକ ଜନ । ଏତିକି ମାତ୍ର ମୋ ନିବେଦନ ॥ ୬ ।
ସେମାନେ ବୋଇଲେ କମ୍ପା ଗେଲେ ଗେଲେ ପ୍ରଶ୍ନକରୁଅଛ ଏତେ ।
ଶ୍ରୀ ଜଗନ୍ନାଥ ସଡ଼କ ପଡ଼ିଅଛି ଯାଅ ଏହି ସିଧାପଥେ ।
ବୈଷ୍ଣବ ଦାସ ପ୍ରଣାମ ଦେନ ପ ଗଳାଇଣ । ୭ ।

ନିମାଇଁ ସନ୍ନ୍ୟାସ

୮୯—(ଜୟ କୃଷ୍ଣ ଦୀନବନ୍ଧୁ ନବଜଳଧର—ବୃତ୍ତେ)

ଘରେ ଘରେ ବୁଲୁଛନ୍ତି ନବଦ୍ୱୀପ ବାସୀ ।
ଘଟଣ ସୁନ୍ଦର ଗୋରା ହେବାକୁ ସନ୍ନ୍ୟାସୀ ହେ ॥ ୧ ।
ଘନ ଗୁଞ୍ଜର ଚିକୁର ପାଶ ମନୋହର ।
ଘନାବୃତ୍ତି ସରଶିଅ ନୟନ ପଟର ହେ ॥ ୨ ॥
ଘାସା କୁନ୍ଦନ ନିନ୍ଦନ ଝଲମଲ କାନ୍ତି ।
ଘଡ଼ିକ ପଡ଼ ସବୁର ମନେ ପଡ଼ୁଛନ୍ତି ହେ । ୩ ।
ଘରଣୀ ଶ୍ରୀବିଷ୍ଣୁପ୍ରିୟା ବଞ୍ଚିବେ କପର ?
ଘଟାଇଲ ମନ ବଧି ଦୁର୍ଦ୍ଦଶା ଏପର ହେ । ୪ ।

Digitized by srujanika@gmail.com

ଘର ବାହାରେ ଅନାଇଁ ଶ୍ରୀ ଶଚୀ ଜନନୀ ।
ଘନ ଘନ କାନ୍ଦୁଛନ୍ତି ପୁତ୍ରକୁ ବାଇଜ ଟହ ॥୫॥
ଘମ ଘମ ସ୍ୱେଦ ଝରେ ଗୌର ଗୁଣ ଗୁଣି ।
ଘଜଡ଼ାଇଛୁ ସ୍ୱସୁଖ ବୈଷ୍ଣବ ଅଜ୍ଞାନୀ ହେ ॥୬॥

ଶଚୀ ମାତାଙ୍କ ଖେଦ

୯୦—(ଗୁଈ ଦୁଖ ସଜନୀ ରେ—ବୃନ୍ଦେ)

ଆହାରେ ମୋର ନିମାଇଁ । ଘର ଶୂନ୍ୟ କରି ଗଲୁ ତୁ କାହିଁରେ ?
କେବେ ବଞ୍ଚିବ ତୋ ବିନେ ମୁହିଁ, ନିମାଇଁ ରେ ।୧।
କେତେ ଔଷା ବ୍ରତ କରି, ତୋତେ ପାଇଥିଲି ଅଞ୍ଚଳ ଶିରିରେ
ଏବେ ମୁଣ୍ଡୁଛୁ ଦେଲୁ କପରି, ନିମାଇଁ ରେ ।୨।
ତୋ ଗୃହୁ ଚନ୍ଦ୍ର ଲପନ । ଦେଖିବାକୁ ମୋତେ ସାତ ସ୍ୱପନରେ
ହୃଦ ଜାଳେ ଗ୍ରେଳେଣି ତପନ, ନିମାଇଁ ରେ ।୩।
ମୋ ନବଳବଣ୍ୟ ତନ । ତୋ ବହୁନେ ନଷ୍ଟେ ପ୍ରାଣ ହାରିବରେ;
ନ ବଞ୍ଚିବ ବିଷ୍ଣୁପ୍ରିୟା ଦେବା; ନିମାଇଁ ରେ ।୪।
ଶଚୀ ମାତାଙ୍କ ବିଳାପ । ଶୁଣି ନେତ୍ରୁ ଜାଳ ଅଶ୍ରୁ ଅମାପରେ,
ଦାସ ବୈଷ୍ଣବ ମାନସେ ତାପ, ନିମାଇଁ ରେ ।୫।

—o—

ବିଷ୍ଣୁପ୍ରିୟାଙ୍କ ଖେଦ

୯୧—(କରମ ମୋହର ମନ୍ଦ, କଲି ନାହିଁ ସେବା—ବୃନ୍ଦେ)

କାନ୍ତ ବରହଣୀ ହୋଇ । କେମନ୍ତେ ବଞ୍ଚିବ କହିଲ ନାହିଁ ହେ ।
ମୋ ଗୁଣନିଧି ! ତୁମ୍ଭ ଅଦର୍ଶନେ ଚିବ କ ହିଁ । ॥୧॥
ଦୟା ମାୟା କରି ଦୂର । ସନ୍ନ୍ୟାସୀ ହୋଇଲ ଭଜ ନିଷ୍ଠୁର ହେ,
ମୋ ଗୁଣନିଧି ! କ ନ ଭଲ ମନ ବଢ଼ ଝୁର ହେ ॥୨॥

Digitized by srujanika@gmail.com

ଯେବେ ଏହା ଥିଲ ଚିତ୍ତେ,ମୋତେ ସଙ୍ଗେ ନେଇ ଥାନ୍ତ ଜଗତ୍ତେ ହେ
ମୋ ଗୁଣନିଧି । ଏକାକିନୀ କଲ କି ନିମନ୍ତେ ହେ । ୩ ।
ନାହିଁ ଏ ଜୀବନେ ଅଶ । ଗଙ୍ଗା ଘାଟେ ନିତ୍ୟେ ଦେବଇଁ ଝାସ ହେ
ମୋ ଗୁଣନିଧି । ଧନ ସାହେବ କହୁ ଭା, ପାଶ ହେ । ୪ ।
ବିଷ୍ଣୁପ୍ରିୟାଙ୍କର ଦୁଃଖ । ଦେଖି ବଇଷ୍ଣବ ଦାସ ମୂରୁଛ ହେ ।
ମୋ ଗୁଣନିଧି ! ଲଭେ ନାହିଁଲ ମନରେ ସୁଖ ହେ । ୫ ।

—o—

ନଦୀୟାବାସିଙ୍କ ଖେଦ

୯୨—(ହରି ବୋଲ ନିତ୍ୟାନନ୍ଦ ନୀଳାଚଳେ ଚଳେ—ବୃତ୍ତେ)

ଯେଉଁ ଦନୁ ଗୋରା ଗୃହ ହୋଇଲେ ସନ୍ନ୍ୟାସୀ ।
ସେ ଅବଧି ଚାନ୍ଦ୍ରଚନ୍ଦ୍ର ନବଦ୍ୱୀପବାସୀ । ଗୌର ହରି ହେ ।
ସକଳେ ମରିବୁଁ ଝୁରି ଝୁରି ହେ । ୧ ।
କେତେ ସୁଖ ଶ୍ରଦ୍ଧା ଭୁଞ୍ଜି କେଉଁ ସୁଖ ପାଇଁ
ତେଜିଲ ଅମ୍ଭମାନଙ୍କୁ ବ୍ରହ୍ମାଣ୍ଡ ଗୋସାଇଁ ଗୌର ହରି ହେ ।
ସକଳେ ମରିବୁଁ ଝୁରି ଝୁରି ହେ । ୨ ।
ତବ ଅଦର୍ଶନେ ଆଜ ବଞ୍ଚିବୁ କିପରି ?
ନ କହିଲ ପଦେ ଅଧେ ବୋଧ ଶୋଧ କରି ॥ ଗୌର ହରି ହେ !
ସକଳେ ମରିବୁଁ ଝୁରି ଝୁରି ହେ । ୩ ।
ସ୍ୱପନ ହୋଇଲା ହରି ନାମ ସଂକୀର୍ତ୍ତନ ।
ଶ୍ମଶାନ ସମ ହେଲାଣି ଶ୍ରୀ ବାସ ପ୍ରାଙ୍ଗଣ ॥ ଗୌର ହରି ହେ ।
ମରିବ ବୈଷ୍ଣବ ଦାସ ଝୁରି ହେ । ୪ ।

—❋—

Digitized by srujanika@gmail.com

ଶ୍ରୀ ବ୍ରଜ ପ୍ରସଙ୍ଗେ ଗୌରଚନ୍ଦ୍ର

୯ମ—(ଦେଖ ଫୁଲ୍ଲ ବନ ପୁଲିନ କାନନ—ବୃନ୍ଦେ)

ଶ୍ରୀ ବ୍ରଜ ପ୍ରସଙ୍ଗେ ଗୌରଚନ୍ଦ୍ର ଦେବ ରାଧାଭାବେ ବିଭାବିତ ।
ଶ୍ରୀ ସ୍ୱରୂପ ଦାମୋଦର ରାମାନନ୍ଦ ଦୁଇ ସଖୀଙ୍କ ସହିତ ॥
କୃଷ୍ଣ କଥା ହେଉନ୍ତି ଗୌର କଣେଇ ।
ଆତ୍ମଜ୍ଞାନ ଏକାବେଳେ ବିସ୍ମରି ॥୦॥
କାହାନ୍ତି ମୋହନ ମୁରଲୀବଦନ ବୋଲି ଉତ୍କଣ୍ଠିତ ଚିତ୍ତେ ।
ଚମକନ୍ତି ଡରି ଧରି ଥରି ଥରି ଅଶ୍ରୁ ଭରି ସଜଳ ନେତ୍ରେ ॥
ଅର୍ପିବ କି ମୋର ଜୀବନ ସାଥି ? ।
କିବା ବ୍ୟର୍ଥ ହେବ ଶେଜ ସୁଯାତି ? ।୨।
ଦଶଦଣ୍ଡରୁ ଚଳିଲଣି ନିଶି କେଉଁଣେ ରହିଲେ ମୋ ବନ୍ଧୁ ? ।
ଏଣେତେବେଳି ତଳ ପଡ଼ନ୍ତି ମଣ୍ଡପରେ ଶୋଭାକୁଳେ କାନ୍ଦୁ କାନ୍ଦୁ ।
ମନ ଜାଣି ରାୟ ସ୍ୱରୂପ ତହିଁ ।
ପ୍ରବୋଧି କହନ୍ତି କେତେ ଯେନାଇ ।୩।
ମହାଭାବ ରୂପୀ ଶ୍ରୀକୃଷ୍ଣ ଚୈତନ୍ୟ ସଚେତନେ ଦୁଃଖମନେ ।
ବାରମ୍ବାର କରି ଆଦର ପୁଚ୍ଛନ୍ତି ନେତ୍ରେ ଯୁଗ ଥନ ଥନେ ॥
କାହନ୍ତି ମୋରଙ୍କୁ କାଳିଆଧନ ।
କହ ସଖୀ ହେଲା ଏତେ ଯେ ରାତି ।୪।
ନିବେଦ ପ୍ରବୋଧିବେ ପ୍ରିୟସଖୀ ଭାବେ ସେ ସ୍ୱରୂପରାମାନନ୍ଦ ।
କରୁଣା ଗଦ୍ଗଦ କଥାପ୍ରତି ଯଦେ କଣ୍ଠ ହୋଇଯାଏ ରୁଦ୍ଧ ।
ଚେତନ ଖଟାଇବ ନଦେଖି ସେ ସାଙ୍ଗ ।
ବୋଲନ୍ତି ଅହା ନହେଲ କି ବିପତ୍ତି ? ।୫।
ଟେରାଏଣ୍ଟ ଚେଳି ଝାଡ଼ି ଅଙ୍ଗୁ ଧୂଳି ବଇଅନ୍ତି ଅଞ୍ଚଳ ଟେଟେ ।
ବଇଷ୍ଣବ ଦାସ କହେ ତା ଦର୍ଶନେ ଧୈର୍ଯ୍ୟ ଧରିବ କାଏସେ ॥
ମହାପ୍ରଭୁଙ୍କ ସେ ମହାଭାବ ।
ନାୟିକା ଲକ୍ଷଣ କେବା ଜାଣିବ ? ।୬।

Digitized by srujanika@gmail.com

ଶ୍ରୀଗୌରଙ୍କ ଆଲାର ନାଥ ଦର୍ଶନ

୧୪—(ଶାନ୍ତ ଧୂଇରେ ସୁଦାମାଲ୍ଲୀ ନବକୁଞ୍ଜ ତାଳ ନାଗ ଲ—ଝୁଂଝ)

ଭକ୍ତଗଣ ଘେନି ସଙ୍ଗେ, ଶ୍ରୀପ୍ରଭୁ ରଙ୍ଗେ ଢଙ୍ଗେ;
ପଞ୍ଚ-କୋଶୀ ପଥେ ଗଲେ ଚଳି ।
ଶ୍ରୀଅଲାର ନାଥେ ମିଳି, ମୁଖେ ହରି ହରି ବୋଲି;
ସଙ୍କୀର୍ତ୍ତନ କଲେ ବନମାଳୀ ନନ୍ଦ ।
ଉଦ୍ଦଣ୍ଡ ନର୍ତ୍ତନ ଲୀଳା-, ଅଦଭୁତ ପ୍ରକଟିଲା;
ଖୋଳ କରତାଳ ବାଦ୍ୟନାଦେ ।
ଉଚ୍ଛୁଳି ପଡ଼ିଲା ମହୀ ଜୟ ଶବଦରେ ତହିଁ;
ଶ୍ରୀଗୌରାଙ୍ଗ ଚନ୍ଦ୍ରଙ୍କ ପ୍ରସାଦେ ହେ ।୨।
ସାରି ସଙ୍କୀର୍ତ୍ତନ ଗାନ, ଗୌରହରି ଭଗବାନ
ମାଛାରଣ ବାସୀଙ୍କ ସହିତେ ।
ଆପଣେ କଲେ ପ୍ରଣାମ, ଚିତ୍ତେ ପ୍ରେମଦେଇ ଆଲିଙ୍ଗନ;
ଭାବଭରେ ଶ୍ରୀଅଲାର ନାଥେ ହେ ।୩।
କାଶୀମିଶ୍ର ସାର୍ବଭୌମ, ଗୋପୀନାଥାଚାର୍ଯ୍ୟ ଶ୍ରମ,—
ଯାଇ ଶ୍ରୀକ୍ଷେତ୍ରରୁ ବାହାରିଲେ ।
ସେହୁ ଅଧଦୂର ପଥେ, ନମିଲେ ଗୌର ଅଗ୍ରତେ;
ପ୍ରଭୁ ଧାଇଁ ଆଲିଙ୍ଗନ କଲେ ହେ ।୪।
ସେହୁ ମହୋଦଧି ତଟରେ, ଆନନ୍ଦିତ ମାନସରେ,
ସର୍ବଭକ୍ତ ହେଲେ ବୋଲାଚଳ ।
ଜୟ ଶ୍ରୀଅଲାର ନାଥ— ବୋଲି ଉର୍ଦ୍ଧ୍ୱେ ତୋଳି ହାତ;
ସଙ୍କୀର୍ତ୍ତନ କଲେ ନୃତ୍ୟ ଛଳି ହେ ।୫।
ଆନନ୍ଦ ଗଦ୍‌ଗଦ ଭରେ, ଗାନ କଲେ ଉଚ୍ଚ ସ୍ୱରେ;
ଉଦ୍ଦଣ୍ଡନର୍ତ୍ତନେ ହୋଇ ଭୋଳା ।
ଧନ୍ୟ ସେହୁ ସଙ୍କୀର୍ତ୍ତନ, ଅଲାର ନାଥ ଦର୍ଶନ;
କହେ ଦାସ ବୈଷ୍ଣବ ପାଗଳା ହେ ।୬।

Digitized by srujanika@gmail.com

ଶ୍ରୀଗୌର ବିରହିଣୀ

୯୫—(ଏହି ଚନେ ହରି ଚିସନ୍ତି ବାହୁନି—ବୃତ୍ତେ)

ଶ୍ରୀଗୌର ବିରହେ, କେତେ ପରି ଦେହେ
ଜୀବନ ରଖିବ କହ ସଖି ! ।
ଦେବାଦାଶୀ ଠାକୁର, ବାଉଆଣୀ ପରି,
ହୋଇଲି ତ ତାହାଙ୍କୁ ନ ଦେଖି ।୧।
ଅଶନ ବସନ,— ବିଷର ସମାନ;
ନଦୀଆ ଦିଶଇ ଅନ୍ଧକାର ।
ହୃଦୟ ବିହାରି, ଗଲେ ତେଜ୍ୟାକରି;
ଦେଇ ଯାହା ଏ କଷଣ ଘୋର ।୨।
ମନକଥା ମନେ,— ମାର ନାଥ ବିନେ;
ପଥର ଭରିବ କେତେ ଛାତି ? ।
ଦୟାଙ୍କ ସାମନ୍ତ,— ହୋଇଣ କେମନ୍ତ,
ନିଷ୍ଠୁର ହୋଇଲେ ପ୍ରାଣନାଥ । ୩ ।
ଦରଶନ ଆଶେ,— ସୁରଧୂନୀ ପାଶେ;
ଯେତେ ଥର ଗଲି ପ୍ରାଣମିତ ।
ନନ୍ଦନନ୍ଦନଙ୍କୁ, ପ୍ରୀତି ପଶରଙ୍କୁ,
ନ ପାଇଲି ଖୋଜି ଖୋଜି ମୁଁ ତ । ୪ ।
ପ୍ରିତଧନ ଯାଇଁ, କାହାରେ ଫେରିବ;
କବୁଲି କରିବ ବାହୁଁ ଯିବ ? ।
କଷ୍ଟେ ଏଜୀବନ,— ଯିବ ଗୌର ବିନୁ;
ଚଇତନ୍ୟ ଦାସ କହେ ସ୍ୱଭ । ୫ ।

—୦—

Digitized by srujanika@gmail.com

ଶ୍ରୀଗମ୍ଭୀର ଚନ୍ଦ୍ର

୯୬—(ନୀଳାଚଳେ ଜଗନ୍ନାଥ ରାୟ—ବୃତ୍ତେ)

ଓଡ୍ରଦେଶ ମଣ୍ଡଳ ମଧ୍ୟରେ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରବରେ । ୧ ।
ସୁବିଖ୍ୟାତ ରାଧାକାନ୍ତ ମଠେ । ଶ୍ରୀଗମ୍ଭୀର ନାମ ଯେ ପ୍ରକଟେ । ୨ ।
ଶ୍ରୀକୃଷ୍ଣ-ଚୈତନ୍ୟ ଦେବଙ୍କର । କନ୍ଥାକମଣ୍ଡଳୁ ମନୋହର । ୩ ।
ପଦ୍ମଯାଦ କାଠଜ ଯୁଗଳ । ବିରାଜଇ ଅପରୂପ ଫଳ । ୪ ।
ପ୍ରତି ନିତ୍ୟ ଆନନ୍ଦ ଉତ୍ସବେ । ପୂଜୁଛନ୍ତି ସାଧକ ବୈଷ୍ଣବେ । ୫ ।
ସେ ଗୌରଚନ୍ଦ୍ରଙ୍କ ପଦଚିହ୍ନ । କାଠଜ ଉପରେ ବିଦ୍ୟମାନ ।୬।
ଦର୍ଶନେ ବଳାଇ ଅଭିଳାଷ । ଭଣେ ସୁମତେ ବୈଷ୍ଣବ ଦାସ । ୭ ।

ନିତ୍ୟାନନ୍ଦ—ପ୍ରେମକୋର

୯୭—(ହରିବୋଲ-ହରିବୋଲ ହରିବୋଲ ଭାଇ—ବୃତ୍ତେ)

ନିତ୍ୟାନନ୍ଦ ପ୍ରେମକୋର ଅତି ସୁମଧୁର ।
ଚାଖିଥିବା ଜନ ଜାଣେ ସୁସ୍ୱାଦ ତାହାର ହେ । ୧ ।
କର୍ପୂରକୁ ଜିଣି ବାସ ବଡ଼ ମନୋହର ।
ମହକାଇ ଦିଏ ହୃଦ ଭିତର ବାହାର ହେ । ୨ ।
ଶ୍ରୀନିତାଇ ପ୍ରେମକୋର କେ ନେବରେ ଭାଇ ! ।
ବିଳମ୍ବ ନକର ବେଗ ବେଗ ଆସ ଧାଇଁ ହେ । ୩ ।
ଯେତେ ନେବ ତେତେ ଅଛି ଅସରନ୍ତି ଦ୍ରବ୍ୟ ।
ପଚାଇ ରଖିଲେ ପଛେ ଭଲ ହେଉଥିବ ହେ । ୪ ॥
ଦ୍ରବ୍ୟ ଦେଖେ ପୁଅ ପୁଣି ସୁଗନ୍ଧ ଦିଅ ।
ଏ କୋର ସେବନେ ପୁଲକିତ ଦେହ ହୁଅ ହେ ।୫।
ବାଣ୍ଟିନିଅ ଖାଣ୍ଟି ଚିଜ ଚାଟି ଖାଇବାକୁ ।
ଯାଣ୍ଟି ନୁହ ବିଷୟ ବିଷରେ ଭୁଲାଇବାକୁ ହେ । ୬ ।
ଲଭିବ ଅମର ପଦ ଏ କୋର ଆସ୍ୱାଦେ ।
ଡାକି କହେ ବଇଷ୍ଣବ ଦାସ ପ୍ରତିପଦେ ହେ । ୭ ।

Digitized by srujanika@gmail.com

ସିଦ୍ଧପୀଠ

୯୮—(ଜୟ ରେ ଜୟ ରେ ମୋର ଶ୍ରୀ ଶଚୀନନ୍ଦନ—ବୃନ୍ଦେ)

ଯେଉଁ ଶ୍ରୀଗୌର ଗମ୍ଭୀର ଶ୍ରୀକ୍ଷେତ୍ରେ ବିଦିତ ।
ତାହାର ମହିମା ଭବେ ଅତି ଅଲୌକିକ ହେ । ୧ ।
ଶ୍ରୀରାଧାକାନ୍ତ ବିଜୟେ ଭକ୍ତଚିତ୍ତ ଯହିଁ ।
ଅପରୂପ ଶୋଭା ରାଶି ବରଣି ନୁହଇ ହେ । ୨ ।
କାଶୀମିଶ୍ରାଳୟେ ନାମେ ଦୁନିଁଆରୁ ବିଖ୍ୟାତ ।
ମହୋଦଧି ସନ୍ନିକଟେ ପରମ ଶୋଭିତ ହେ । ୩ ।
ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁ ଯେଉଁ ସ୍ଥାନେ ।
ପ୍ରକାଶିଲେ ଶ୍ରୀବ୍ରଜପାଟ୍ଟଶ୍ରୀ ସୁଯତନେ ହେ । ୪ ।
ଏମନ୍ତ ପ୍ରସିଦ୍ଧ ସ୍ଥାନୀ ରାଧାକାନ୍ତ ମଠ ।
ଭକ୍ତେଶ୍ୱର ପଣ୍ଡିତଙ୍କ ଅଟେ ସିଦ୍ଧ ପୀଠ ହେ ।୫।
ଧନ୍ୟ ଶ୍ରୀ ଗୌର ଗମ୍ଭୀର ଧନ୍ୟ ଭକ୍ତେଶ୍ୱର ।
ଶ୍ରୀଗୁରୁ ଗାଥା ସେ ଦୁଃଖୀ ବୈଷ୍ଣବ ଦାସର ହେ ।୬।

—୦—

ଗୌର ନିତାଇ ଭଜନ

୯୯—(ବୈଷ୍ଣବ ଗୋଷ୍ଠିକ ତାଳବ୍ର ହୋଇଛୁ—ବୃନ୍ଦେ)

ଏତ ନିଷ୍ଠ ହୋଇ ଭଜ ଭଜ ଭାଇ ଗଉର ନିତାଇ ନାମ ।
ଅଚିରେ ଭକ୍ତିଷ ହେବ ନିଶ୍ଚେଁ ଧ୍ୱଂସ ପୂର୍ଣ୍ଣ ହେବ ମନସ୍କାମ ॥ ୧ ॥
ଭବ୍ୟଧାମେ ସିଦ୍ଧ ସ୍ୱଗତ ଲଭିବ ଶମନ ନୋହିବ ବାମ ।
ମିଳିବ ନିକୁଞ୍ଜ ସେବା ଅଧିକାର ପ୍ରାପ୍ତ ହେବେ ରାଧାଶ୍ୟାମ ॥ ୨ ॥
ମଞ୍ଜରୀ ସ୍ୱରୂପେ ଅଞ୍ଜନ କାନ୍ତିଙ୍କ ଦାସୀ ହେବ ଅବିରାମ ।
ପ୍ରେମଭକ୍ତିଭରେ ରଜନୀ ବାସରେ ଚିନ୍ତ ଶ୍ରୀ ବ୍ରଜଧାମ ॥ ୩ ॥
ମହାସୁଖାନନ୍ଦ ଦାମୀ ଅଟେ ଭଜ ନିତ୍ୟ ଶ୍ରୀବୃନ୍ଦା ଅଗମ ।
ହତଭଗା ଏନ ବୈଷ୍ଣବ ଦାସର କେବେ ହେବ ପୂର୍ଣ୍ଣ କାମ ॥ ୪ ॥

Digitized by srujanika@gmail.com

ଶ୍ରୀ ଗମ୍ଭୀର ପୀଠ

୧୦୦—(ଶାରୀ ବାଲେ ଜୟ ରାଧେ ଜୟ ଶ୍ରୀ କଶୋରୀ—ବୃତ୍ତେ)

ଶ୍ରୀ କ୍ଷେତ୍ର ପୁରୁଷୋତ୍ତମ ରାଧାକାନ୍ତ ମଠ ।
ଭାରତେ ବିଖ୍ୟାତ ଏମନ୍ତ ଯେ ସିଦ୍ଧପୀଠ ହେ ।୧।
ଶ୍ରୀ ଗୌର ଗମ୍ଭୀର ତହିଁ ଅଟେ ବିଦ୍ୟମାନ
ଅଦ୍ୟାପି ବହନ୍ତି ଗୌରଚନ୍ଦ୍ର ପଦ ଚିହ୍ନ ହେ ।୨।
ପୂର୍ବେ କାଶୀମିଶ୍ରଙ୍କର ନାମେ ଥିଲା ଜଣା ।
ଏବେ ଶ୍ରୀଗମ୍ଭୀର ନାମେ ବାଜଇ ବାଜଣା ହେ ।୩।
ଶ୍ରୀ ବକ୍ରେଶ୍ୱର ପଣ୍ଡିତ ପର୍ଯ୍ୟନ୍ତରେ ମହାନ୍ତ ।
ସେ ସ୍ଥାନର ମହିମା କେ କହି ପାରେ ଅନ୍ତ ହେ ।୪।
ଗୌର କନ୍ଥା କମଣ୍ଡଳୁ ପାଦୁକା ଦର୍ଶନେ ।
ଆହା କି ଅଦ୍ଭୁତ ଭାବ ଜାତ ହୁଏ ମନେ ହେ ।୫।
ସିଦ୍ଧ ସାଧକମାନଙ୍କ ଭଜନ କୁଟୀର ।
ବିରାଜଇ ବର୍ତ୍ତମାନ ଅତି ମନୋହର ହେ । ୬ ।
ଶ୍ରୀ ଗମ୍ଭୀର ଦର୍ଶନେ କେ ନୋହେ ପ୍ରେମୋନ୍ମାଦୀ ? ।
ବୈଷ୍ଣବ ଦାସର ସେହୁ ସିନା ଗୁରୁ ଗାଦି ହେ । ୭ ।

—:*:—

ସ ମା ପ୍ତ

ମୁଦ୍ରାକର—ଶ୍ରୀ ଦାଶରଥି ଦାଶ, ଦାଶରଥି ପ୍ରେସ, କଟକ-୧୯୬୦

Digitized by srujanika@gmail.com